## ଜାତୀୟ ସେବା ଯୋଜନା ଶିବିର ଉଦ୍‌ଘାଟିତ

ସମ୍ବଲପୁର,(ବ୍ୟୁରୋ): ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଶିବିର ଶୁକ୍ରବାର ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜ ସଭାକକ୍ଷରେ ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧକ୍ଷ ଡ. ଶ୍ୟାମ ଭୋଇଙ୍କ ପରିଚାଳନାରେ ସରକାରୀ ମହିଳା କଲେଜର ପ୍ରାକ୍ତନ ଅଧକ୍ଷ ଡ.ସନ୍ତୋଷ କୁମାର ଦାଶ ମୁଖ୍ୟଅତିଥି, ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ସଂଯୋଜକ ସୁମନ୍ତ କେରକେଟା ମୁଖ୍ୟବକ୍ତା, ଆଦର୍ଶ ସମ୍ପାଦକ ପ୍ରଦୀପ କୁମାର ବେହେରା, ନେହେରୁ ଯୁବକେନ୍ଦ୍ର ଜିଲା ଯୁବ ଅଧିକାରୀ ମାରିୟାନୁସ ବିଲୁଙ୍ଗ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଧିକାରୀ ଡ. ବିଶ୍ୱମୋହନ ଜେନା ଅତିଥି ପରିଚୟ ଓ ବାଳିକା ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଧିକାରୀ ଶ୍ରଦ୍ଧାମୟୀ ପୁରୋହିତ ଧନ୍ୟବାଦ ଦେଇଥିଲେ।

### ସଂକ୍ଷେପରେ

## ଏସ୍‌ୟୁରେ ଖୋଲିବ ସିଆଇଏଫ୍ ସେଣ୍ଟର

### ଅତ୍ୟାଧୁନିକ ସୁବିଧା ପାଇବେ ଛାତ୍ରୀଛାତ୍ର

ସମ୍ବଲପୁର,୨୨।୧୦(ବ୍ୟୁରୋ): ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ)ରେ କମନ ଇନ୍‌ଷ୍ଟ୍ରୁମେଣ୍ଟେଶନ ଫ୍ୟାସିଲିଟି (ସିଆଇଏଫ୍) କେନ୍ଦ୍ର ଖୋଲଯିବ। ଏହି କେନ୍ଦ୍ର ନିର୍ମାଣାଧୀନ ରହିଥିବା ବେଳେ ଅକ୍ଟୋବର ଶେଷ ସୁଦ୍ଧା ଖୋଲାଯିବ ବୋଲି କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲ କହିଛନ୍ତି। ସେ ଆହୁରି କହିଛନ୍ତି, ଏହି କେନ୍ଦ୍ର ପାଇଁ ବିଶ୍ୱ ବ୍ୟାଙ୍କ ପକ୍ଷରୁ ଅନୁଦାନ ଦିଆଯାଇଛି। ପ୍ରାୟ ୬ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କେନ୍ଦ୍ର ନିର୍ମାଣ କରାଯିବ। ୨ କୋଟି ଟଙ୍କାରେ ଭିତ୍ତିଭୂମିର ବିକାଶ କରାଯିବ। ୪ କୋଟି ୫୦ ଲକ୍ଷ ଟଙ୍କାରେ ଛାତ୍ରୀଛାତ୍ରଙ୍କ ପାଇଁ ଗବେଷଣା ସାମଗ୍ରୀ କିଣାଯିବ। ବିଶ୍ୱ ବ୍ୟାଙ୍କ ପକ୍ଷରୁ ୧୯ କୋଟି ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। ଏହି କେନ୍ଦ୍ର ଖୋଲିଲେ ଛାତ୍ରୀଛାତ୍ରଙ୍କୁ ଗବେଷଣା କରିବା ପାଇଁ ବାହାରକୁ ଯିବାକୁ ପଡିବ ନାହିଁ। କେନ୍ଦ୍ର ଖୋଲିବା ପରେ ଏଥିପାଇଁ ଫେକଲ୍ଟି ଓ ଅନ୍ୟ କର୍ମଚାରୀ ନିୟୋଜିତ କରାଯିବ। ସାମଗ୍ରୀ କିଣିବା ପ୍ରକ୍ରିୟା ମଧ ଆରମ୍ଭ ହୋଇଯାଇଛି। କେନ୍ଦ୍ର ଖୋଲିବା ଫଳରେ ବିଶ୍ୱ ବିଦ୍ୟାଳୟ ଅଧୟନ କ୍ଷେତ୍ରରେ ଆଉ ଏକ ସଫଳତା ହେବ। ବିଜ୍ଞାନ ବିଷୟରେ ପାଠ ପଢୁଥିବା ଛାତ୍ରୀଛାତ୍ର ଗୋଟିଏ ସ୍ଥାନରେ ରହି ଗବେଷଣା କରିପାରିବେ। ଲାଇଫ ସାଇନ୍ସ, କେମେଷ୍ଟ୍ରି, ପରିବେଶ ବିଜ୍ଞାନ, ଫିଜିକ୍ସ, ବାଇ ଟେକ୍‌ନୋଲୋଜି ବିଭାଗ ଛାତ୍ରୀଛାତ୍ରଙ୍କୁ ଅଧିକ ସୁବିଧା ହେବ ବୋଲି ସେ କହିଥିଲେ।

## କୁସ୍ତି ଚାମ୍ପିୟନଶିପ: ସ୍ୱର୍ଣ୍ଣ, ରୌପ୍ୟ ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା



ସମ୍ବଲପୁର,୨୨।୧୦(ବ୍ୟୁରୋ): ରାଜ୍ୟସ୍ତରୀୟ କୁସ୍ତି ଚାମ୍ପିୟନଶିପରେ ସମ୍ବଲପୁରର ଚନ୍ଦନ ଚରଣ ଦାଶ, ଅଭିଷେକ ଝୁନଝୁନୱାଲା, ପ୍ରତୀକ୍ଷା ବରାଳ, ନିତୁ କେବଟ ଓ ତମନ୍ନା ଗୋପେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ଜାଫ୍ରିନ ଚୌଧୁରୀ, ଖୁସି ସାହା, ଭାରତୀ ଟଣ୍ଡନ, ପ୍ରାଚୀ ପ୍ରଜ୍ଞା ସୋରେନ, ତନିଶା ଜିନ୍ଦଲ ଓ ବନାନୀ ବିଶ୍ୱାସ ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ଅବସରରେ ଜିଲା ଜୁଡୋ ସମ୍ପାଦକ ସୁବାସ ଚନ୍ଦ୍ର ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ଶୁଭମ୍ ସକସେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁଷ୍ପଗୁଚ୍ଛ ଓ ସାର୍ଟିଫିକେଟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧରେ ରବି ପଟ୍ଟନାୟକ, ଅରବିନ୍ଦ ସାହୁ, ଲକ୍ଷ୍ମଣ କୁମାର ମେହେର, ସଞ୍ଜୟ ଅଦାବର, ସୁବ୍ରତ ପଣ୍ଡା, ସୋନୁ ପ୍ରସାଦ ସୋନାର, ସ୍ୱାଗତ କୁମାର ଘଡେଇ, ବ୍ରଜେନ୍ଦ୍ର ନାୟକ, ଗାୟତ୍ରୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଗତ ୨୫ ଓ ୨୬ ତାରିଖରେ ପୁରୀଠାରେ ପ୍ରତିଯୋଗିତା ହୋଇଥିଲା।

# ଯୁବକଙ୍କୁ ଗୁଳିକରି ହତ୍ୟା ଘଟଣାର ପର୍ଦ୍ଦାଫାଶ

ଝାରସୁଗୁଡ଼ା ଅଫିସ,୨୨।୧୦



ଖବରଦାତା ସମ୍ମିଳନୀରେ ଗିରଫ ୩ ଅଭିଯୁକ୍ତ।

■ବନ୍ଧୁକ ସହ ୩ ଅଭିଯୁକ୍ତ ଗିରଫ

■ମଦ ବ୍ୟବସାୟ ପ୍ରତିଯୋଗିତାରୁ ହତ୍ୟାକାଣ୍ଡ

ଝାରସୁଗୁଡ଼ା ସଦର ଥାନା ଅନ୍ତର୍ଗତ ଇବ୍‌ନଦୀ ନିକଟରୁ ପୋଲିସ ଗୁରୁବାର ଜଣେ ଯୁବକଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଜବତ କରିଥିଲା। ଏହା ବ୍ରଜରାଜନଗର ଓରିଏଣ୍ଟ ଥାନା କାଳୀନଗର ଅଞ୍ଚଳର ପଙ୍କଜ କୁମାର(୪୦)ଙ୍କର ବୋଲି ଜଣାପଡିଥିଲା । ପଙ୍କଜଙ୍କ ପ୍ରକୃତ ଘର ବିହାର ଜିଲା ଲଖୀସରାଇ ଇଣ୍ଡଟୋଲା ଗ୍ରାମରେ ହୋଇଥିବାବେଳେ ସେ ବ୍ରଜରାଜନଗର କାଳୀନଗର ଅଞ୍ଚଳରେ ଏକାକି ରହୁଥିଲେ। କେହି ଦୁର୍ବୃତ୍ତ ତାଙ୍କୁ ଗୁଳିକରି ହତ୍ୟା କରିବାପରେ ପ୍ରମାଣ ନଷ୍ଟପାଇଁ ଏଠାରେ ଫିଙ୍ଗିଦେଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିଲା। ଏ ନେଇ ଓରିଏଣ୍ଟ ପୋଲିସ ଏକ ମାମଲା (ନଂ୧୮୪/୨୧) ରୁଜୁକରି ତଦନ୍ତ ଚଳାଇଥିଲା। ଘଟଣାର ଗୋଟିଏ ଦିନପରେ ଶୁକ୍ରବାର ପୋଲିସ ଏହାର ପର୍ଦ୍ଦାଫାଶ କରିଛି। ହତ୍ୟାକାଣ୍ଡରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବରଗଡ଼ ଜିଲା ପଦ୍ମପୁର ଥାନା କେସିଙ୍ଗାର ମୀନକେତନ ବେହେରା(୪୮), ବାଦଲ ବେହେରା(୧୮) ଓ ଅନଗୋଳ ଜିଲା ଜରପଡାର ପୂର୍ଣ୍ଣଚନ୍ଦ୍ର ନାୟକ(୩୧)। ଏମାନେ ସମସ୍ତେ କାଳୀନଗର ଅଞ୍ଚଳରେ ରହୁଛନ୍ତି। ମୀନକେତନ ଓ ବାଦଲ ବାପପୁଅ ହୋଇଥିବାବେଳେ ପୂର୍ଣ୍ଣଚନ୍ଦ୍ର ହେଉଛନ୍ତି ତାଙ୍କ ସହଯୋଗୀ। ପୋଲିସ ଏମାନଙ୍କ ନିକଟରୁ ଏକ ଦେଶୀ ବନ୍ଧୁକ, ଅଫୁଟା ଗୁଳି ଓ ହତ୍ୟାକାଣ୍ଡରେ ବ୍ୟବହୃତ ଓଡି୨୩କେ-୫୦୮୫ନଂ ବାଇକ୍ ଜବତ କରିଛି ।

ଏ ନେଇ ଏସ୍‌ପି ବିକାଶ ଚନ୍ଦ୍ର ଦାସ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ମୃତ ପଙ୍କଜ ଓ ମୀନକେତନ କାଳୀନଗର ଅଞ୍ଚଳରେ ଚୋରା ମଦ ବ୍ୟବସାୟ କରନ୍ତି। ମଦ ବ୍ୟବସାୟକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଥିଲା। ଅନେକ ସମୟରେ ପଙ୍କଜ ମୀନକେତନଙ୍କ ଘରକୁ ଯାଇ ଟଙ୍କା ମାଗିବା ସହ ତାଙ୍କୁ ଧମକଚମକ ଦେଉଥିଲେ। ଏଥିରେ ଅତିଷ୍ଠ ହୋଇ ମୀନକେତନ ତାଙ୍କୁ ରାସ୍ତାରୁ ହଟାଇଦେଲେ ଆଉ କେହି ପ୍ରତିଯୋଗୀ ରହିବେନାହିଁ, ମଦ ବ୍ୟବସାୟ ଭଲ ଚାଲିବ ବୋଲି ପୁଅ ବାଦଲ ସହ ଯୋଜନା କରିଥିଲେ। ଏଥିରେ ପୂର୍ଣ୍ଣଚନ୍ଦ୍ର ସହଯୋଗ କରିଥିଲେ। ଏଭଳି ସ୍ଥିତିରେ ଗତ ବୁଧବାର ରାତି ୧୧ଟାରେ ସେମାନେ କାଳୀନଗର ଅଞ୍ଚଳରେ ପଙ୍କଜଙ୍କୁ ଗୁଳିକରି ହତ୍ୟା କରିଥିଲେ। ପରେ ପ୍ରମାଣ ନଷ୍ଟ ପାଇଁ ବାଇକ୍‌ରେ ମୃତଦେହକୁ ଆଣି ଇବ୍‌ନଦୀ ନିକଟରେ ଫିଙ୍ଗିଦେଇ ଚାଲିଯାଇଥିଲେ। ବାଦଲ ବାଇକ୍ ଚଳାଇଥିବାବେଳେ ମୃତଦେହକୁ ମଝିରେ ଧରି ପୂର୍ଣ୍ଣଚନ୍ଦ୍ର ପଛରେ ବସିଥିଲେ। ମୀନକେତନ କେବଳ ଚୋରା ମଦ ନୁହେଁ କୋରେଶ ନିଶା ବ୍ୟବସାୟ ମଧ୍ୟ କରନ୍ତି। ତାଙ୍କ ନାମରେ ପୂର୍ବରୁ ପୋଲିସ୍‌ରେ ୧୧ କେସ୍ ରହିଛି। ହତ୍ୟାକାଣ୍ଡରେ ବ୍ୟବହୃତ ଦେଶୀ ବନ୍ଧୁକ କେଉଁଠୁ ଆସିଲା ସେ ନେଇ ପୋଲିସ୍ ତଦନ୍ତ ଜାରି ରଖିଛି ବୋଲି ଏସ୍‌ପି ଦାସ କହିଛନ୍ତି।

## ଖେଳଣା ପିସ୍ତଲ ଦେଖାଇ ଧମକ: ୩ ଗିରଫ

ରାଉରକେଲା ଅଫିସ,୨୨।୧୦

ଜଣେ ଅଟୋ ଚାଳକଙ୍କୁ ଖେଳଣା ପିସ୍ତଲ ଦେଖାଇ ଧମକ ଦେବା ଅଭିଯୋଗରେ ସୁନ୍ଦରଗଡ଼ ଜିଲା ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ଶୁକ୍ରବାର ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରାଜ ଅଙ୍କିତ ଶତପଥୀ(୨୮), ରାଜୀବ ଲୋଚନ ଓରାମ(୩୧) ଏବଂ ଶେଖ୍ ଅଲତାବ(୨୪)। ପୋଲିସ ସେମାନଙ୍କ ଠାରୁ ଖେଳଣା ପିସ୍ତଲ ସହ ଏକ ବାଇକ୍ ଜବତ କରିଛି।

ସୂଚନା ଅନୁସାରେ, ବ୍ରାହ୍ମଣୀତରଙ୍ଗ ଥାନା ଅଧୀନ ନୁନିଆପାଲି ଗ୍ରାମର ସଞ୍ଜୀବ ଖାଲକୋ ଗୁରୁବାର ନିଜ ଅଟୋ (ନଂ.ଓଡ଼ି୧୪ଜେଡ୍/୦୧୮୮)ରେ କିଛି ଯାତ୍ରୀଙ୍କୁ ନେଇ ବୁଚହଣ୍ଡା ଯାଇଥିଲେ। ଏହି ସମୟରେ ୩ ଜଣ ଯୁବକ ଏକ ବାଇକ (ନଂ.ଓଆର୦୫ପି/୬୩୬୧)ରେ ଆସି ରଙ୍ଗମାଟି ଛକ ନିକଟରେ ତାଙ୍କୁ ବନ୍ଧୁକ ଦେଖାଇ ଧମକ ଦେବା ସହ ଲୁଟ୍ ଉଦ୍ୟମ କରିଥିଲେ। ଅଟୋ ଚାଳକ ସଞ୍ଜୀବ ସେଠାରୁ ଖସି ପଳାଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ଏକ ମାମଲା (ନଂ.୧୨୩/୨୧) ରୁଜୁ କରି ତିନି ଅଭିଯୁକ୍ତଙ୍କୁ ଗିରଫ କରିଛି।

## ନୂତନ ଟ୍ରେନ ଚଳାଚଳ ନେଇ ଜିଏମ୍‌ଙ୍କୁ ଭେଟିଲେ ବିଧାୟକ, ଏମ୍‌ପି

ସମ୍ବଲପୁର,୨୨।୧୦(ବ୍ୟୁରୋ)



ଜିଏମ୍ ବିଦ୍ୟା ଭୂଷଣଙ୍କ ସହିତ ଭାଜପା ନେତୃବୃନ୍ଦ।

ସମ୍ବଲପୁର ଗସ୍ତରେ ପୂର୍ବତଟ ରେଳପଥ ଜିଏମ୍ ବିଦ୍ୟାଭୂଷଣ ଆସିଛନ୍ତି। ଏହି ଅବସରରେ ଡିଆର୍‌ଏମ୍ ପ୍ରଦୀପ କୁମାରଙ୍କ ଉପସ୍ଥିତିରେ ଶୁକ୍ରବାର ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ତଥା ଭାଜପା ରାଜ୍ୟ ଉପସଭାପତି ନାଉରୀ ନାଏକ, ଦେବେନ୍ଦ୍ର ମହାପାତ୍ର ପ୍ରମୁଖ ତାଙ୍କୁ ଭେଟି ଆଲୋଚନା କରିଛନ୍ତି। କୋଭିଡ୍ ସମୟରୁ ଅନେକ ଟ୍ରେନ ବାତିଲ ହେବା ସହ ରୁଟ୍‌ରେ ପରିବର୍ତ୍ତନ କରାଯାଇଥିଲା। ଏବେ ସ୍ଥିତି ସ୍ୱାଭାବିକ ହେବାରେ ଲାଗିଛି। ସମ୍ବଲପୁର ରେଳ ମଣ୍ଡଳ ଅଧୀନରେ କେତେକ ଟ୍ରେନ ବନ୍ଦ ରହିଛି। ଏପରି କି ପୂର୍ବସୂଚୀ ଅନୁସାରେ ଚଳାଚଳ କିମ୍ବା ଷ୍ଟେଶନରେ ରହଣି ହେଉ ନାହିଁ। ସମ୍ବଲପୁର-ପୁରୀ ଇଣ୍ଟରସିଟି ପୁଣି ଚଳାଚଳ କରିବା, ସମ୍ବଲପୁର ଜାମ୍ମୁ ତବି ଏକ୍ସପ୍ରେସ, ବିଶାଖାପାଟଣା-ଅମୃତସର ଏକ୍ସପ୍ରେସକୁ ଦୈନିକ ଚଳାଇବା, ରାଜଧାନୀ ଏକ୍ସପ୍ରେସକୁ ଅନ୍ୟୁନ ସପ୍ତାହକୁ ୩ଦିନ ଚଳାଇବା, ନୂତନ ଭାବେ ସମ୍ବଲପୁର ଦେଇ ପ୍ରୟାଗରାଜକୁ ଏକ ଟ୍ରେନ ଚଳାଇବାକୁ ପ୍ରସ୍ତାବ ଦେଇଥିଲେ। ଏହା ସହ ସମ୍ବଲପୁର ସହରରେ ଏକ ଟିକେଟ ବିକ୍ରୟ କେନ୍ଦ୍ର ଖୋଲିବା, ରେଳ ଷ୍ଟେଶନରେ ସମ୍ବଲପୁରୀ ସଂସ୍କୃତି, ଐତିହ, ପରମ୍ପରାର ପ୍ରଦର୍ଶନ କରାଯାଉ ବୋଲି ଦାବି କରିଥିଲେ। ଫଳରେ ରାଜ୍ୟ ତଥା ଦେଶ ବାହାରୁ ଆସୁଥିବା ପର୍ଯ୍ୟଟକ ଜାଣିପାରିବେ। ଅନ୍ୟମାନଙ୍କ ମଧରେ ମାନସ ରଞ୍ଜନ ବକ୍ସି, ଯୁଗଳ ଅଗ୍ରୱାଲ, ମୋହନ ଦାଶ, ସମୀର ରଞ୍ଜନ ବାବୁ, ପ୍ରଭୁଦତ୍ତ ପଣ୍ଡା, ଗୋପାଳ ଅଗ୍ରୱାଲ, କାହ୍ନୁରାମ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତା ଖୋଳିଦେଲେ ଜମି ମାଲିକ

ସମ୍ବଲପୁର,୨୨।୧୦(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ପଞ୍ଚାୟତରେ ରୟତି ଜମିରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ରାସ୍ତା କାମ କରାଯାଇଥିବା ଅଭିଯୋଗ ହୋଇଛି। ଜମି ମାଲିକ ପୁଷ୍ପା ମିଞ୍ଜ ଶୁକ୍ରବାର ଜେସିବି ଲଗାଇ ଉକ୍ତ ରାସ୍ତାକୁ ଖୋଳି ଦେଇଛନ୍ତି। ମିଞ୍ଜ ଅଭିଯୋଗ କରିଛନ୍ତି, ପଞ୍ଚାୟତ ପକ୍ଷରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ରାସ୍ତା କାମ ଆରମ୍ଭ ହୋଇଥିଲା। ରୟତି ଜମିରେ କାମ ହେଉଥିବା ନେଇ ସ୍ଥାନୀୟ ସରପଞ୍ଚଙ୍କୁ ଅଭିଯୋଗ କରିଥିଲି। ହେଲେ ସେ କୌଣସି ପଦକ୍ଷେପ ଗ୍ରହଣ କଲେ ନାହିଁ। ଏବେ ରାସ୍ତା କାମ ସମ୍ପୂର୍ଣ୍ଣ ହୋଇଥିବାବେଳେ ଏହାର ବିଲ୍ ଉଠାଇ ନିଆଯାଇଛି। ବିଡିଓ ସରୋଜ ବିଶ୍ୱାଳ କହିଛନ୍ତି, ଏହି ଘଟଣା ଜମି ସମସ୍ୟା ନେଇ ହୋଇଛି। ରାସ୍ତା କାମରେ କେବଳ ଶ୍ରମିକ ବାବଦକୁ ଟଙ୍କା ଦିଆଯାଇଛି। ବାକି ବିଲ୍ କରାଯାଇ ନାହିଁ। ତଦନ୍ତ କଲାପରେ ସତ୍ୟାସତ୍ୟ ସମନାକୁ ଆସିବ ବୋଲି କହିଥିଲେ। ସୂଚନାଯୋଗ୍ୟ ଯୁଯୁମୁରା ପଞ୍ଚାୟତ ପକ୍ଷରୁ ଆର୍ଥିକ ବର୍ଷ ୨୦୨୦-୨୧ରେ ୬ଲକ୍ଷ ଟଙ୍କାର ରାସ୍ତା କାମର ପାଇଁ ପ୍ରକଳ୍ପ ଆସିଥିଲା। ନୂତନ ରାସ୍ତାର ମାଟି କାମ କରାଯାଇଛି।



ନିର୍ମାଣ ହୋଇଥିବା ରାସ୍ତା ଖୋଳାଯାଉଛି।

## ପ୍ରଦୂଷଣ ନିୟନ୍ତ୍ରଣ ବିଭାଗର ଜେଏସ୍‌ଡବ୍ଲ୍ୟୁ ପରିଦର୍ଶନ

ସମ୍ବଲପୁର,୨୨।୧୦(ବ୍ୟୁରୋ)

ସମ୍ବଲପୁର ଠେଲକୋଲିସ୍ଥିତ ଜେଏସ୍‌ଡବ୍ଲ୍ୟୁ କମ୍ପାନୀକୁ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପରିଦର୍ଶନ କରିଛନ୍ତି। ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ନିର୍ଦ୍ଦେଶ କ୍ରମେ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗର ଏକ ଟିମ୍ ପହଞ୍ଚି ଅଭିଯୋଗର ବାସ୍ତବତା ଉପରେ ଯାଞ୍ଚ କରିଛି। ନିୟମ ପାଳନ ହେଉ ନ ଥିବାରୁ କମ୍ପାନୀକୁ ତାଗିଦ କରିଛନ୍ତି। ୨ମାସ ଭିତରେ ସବୁ ସମସ୍ୟା ସମାଧାନ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। କମ୍ପାନୀ କର୍ତ୍ତୃପକ୍ଷ କହିଛନ୍ତି, ଅଭିଯୋଗକୁ ଆଧାର କରି ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଯାଞ୍ଚ କରି ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ ଅଞ୍ଚଳର ଭଗବାନ ପ୍ରଧାନ କମ୍ପାନୀ ପ୍ରଦୂଷଣ କରୁଥିବା ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲରେ ୨୦୨୧ ମାର୍ଚ୍ଚରେ ଦ୍ୱାରସ୍ଥ ହୋଇଥିଲେ। ସେ ଅଭିଯୋଗ କରିଥିଲେ, କମ୍ପାନୀ ବେଆଇନ ଭାବେ ପାଉଁଶ ପକାଉଥିବାରୁ ଚାଷଜମି, ଜଙ୍ଗଲ ଜମି, ଜଳ, ବାୟୁ ପ୍ରଦୂଷିତ ହେଉଛି। ଜନସାଧାରଣ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହାର ତଦନ୍ତ ପାଇଁ ସମ୍ବଲପୁର ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା।

# ମହିଳା, ଯୁବ କଂଗ୍ରେସର ବିକ୍ଷୋଭ




ମହିଳା କଂଗ୍ରେସ ପକ୍ଷରୁ ଏସ୍‌ପି ଅଫିସ ଆଗରେ ବିକ୍ଷୋଭ କରାଯାଉଛି।

### ଶିକ୍ଷୟିତ୍ରୀ ମମିତା ହତ୍ୟା ଘଟଣା

ସମ୍ବଲପୁର,୨୨।୧୦(ବ୍ୟୁରୋ)

ସମ୍ବଲପୁର ଜିଲା ମହିଳା ଓ ଯୁବ କଂଗ୍ରେସ ପକ୍ଷରୁ ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ଘଟଣାର ପ୍ରତିବାଦ କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅପରାହ୍ନରେ ଜିଲା କଂଗ୍ରେସ କାର୍ଯ୍ୟାଳୟରୁ ମହିଳା କଂଗ୍ରେସ ସଦସ୍ୟମାନେ ରାଲିରେ ଏସ୍‌ପି ଅଫିସ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏସ୍‌ପି ବାତୁଲା ଗଙ୍ଗାଧରଙ୍କୁ ଅଭିଯୋଗ ପତ୍ର ଦେଇଥିଲେ। ସେମାନେ ଦର୍ଶାଇଥିଲେ, ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କୁ ଗିରଫ କରାଯାଇଛି। ହେଲେ ଅନ୍ୟମାନଙ୍କୁ ଗିରଫ କରାଯାଇ ନାହିଁ। ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଭୂମିକା ମଧ ସନ୍ଦେହ ଘେରକୁ ଆସିଛି। ତେଣୁ ମନ୍ତ୍ରୀଙ୍କ ଇସ୍ତଫା, ସରକାରୀ ଚାକିରି, ନିରପେକ୍ଷ ତଦନ୍ତ କରାଯାଉ ବୋଲି ଦାବି କରିଥିଲେ। ମହିଳା କଂଗ୍ରେସ ଜିଲା ସଭାପତି ସୁତପା ମିତ୍ର, ସସ୍ମିତା ଦେହୁରି, ବିଜୟ ଲକ୍ଷ୍ମୀ ବେହେରା, ଲକ୍ଷ୍ମୀ ଯାଦବ, ଗୀତା ଦୁବେ, କବିତା ପଟ୍ଟନାୟକ, ବବି ତରାଇ, ନିରଞ୍ଜନ ତ୍ରିପାଠୀ, ଆଶୋକ ସୋନି, ସଞ୍ଜୟ ଛୁରିଆ ପ୍ରମୁଖ ଉପସ୍ଥିତ ଥିଲେ। ଅନୁରୂପ ଭାବେ ଯୁବ କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆଶୁତୋଷ ସ୍ୱାଇଁଙ୍କ ନେତୃତ୍ୱରେ ପ୍ଲାବନ ବହିଦାର, ସୁମିତ ଷଡଙ୍ଗୀ, ନିଖିଲ ପରବିନ, ବିଜୟ ରଞ୍ଜନ ପଟ୍ଟନାୟକ, ବିଶ୍ୱଜିତ ରାୟ, ପ୍ରତାପ ବେହେରା, ସଞ୍ଜୀବ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।

## ଗୋଧିଡିପରେ ନିରାଡ଼ମ୍ବର ଗଜଲକ୍ଷ୍ମୀ ପୂଜା

ନାକଟିଦେଉଳ,୨୨।୧୦(ଡି.ଏନ.ଏ.)



ନାକଟିଦେଉଳ ବ୍ଲକ ଗୋଧିଡିପ ମଣ୍ଡପରେ ମାଁ ଲକ୍ଷ୍ମୀଙ୍କ ପୂଜାତ୍ସୋବ ନିରାଡମ୍ବର ଭାବେ ପାଳିତ ହୋଇଯାଇଛି। ଗୋଧିଡିପ, ମାରୁଆଡ଼ିମୁଣ୍ଡା ଓ ନାଟୁଆବୁରୀ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆୟୋଜିତ ପୂଜାରେ ଗତ ୧୮ତାରିଖରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଶତାଧିକ ମହିଳା ସ୍ଥାନୀୟ ଟିକିରା ନଦୀରୁ ଶୋଭାଯାତ୍ରାରେ ଆସି ମଣ୍ଡପରେ କଳସ ସ୍ଥାପନା କରିଥିଲେ। ଗୋଧିଡିପ ଗ୍ରାମର ବିକ୍ରମ ପ୍ରଧାନ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରତ୍ୟହ ଲକ୍ଷ୍ମୀପୁରାଣ ପାଠ ସହ ସନ୍ଧ୍ୟାରେ ନାମସଂକୀର୍ତ୍ତନ ପରିବେଷଣ ହୋଇଥିଲା। ଶୁକ୍ରବାର ପୂର୍ଣ୍ଣାହୁତି ପଡ଼ିବା ସହ ସନ୍ଧାରେ ମାଁଙ୍କୁ ମେଲାଣି ଦିଆଯାଇଥିଲା। ପୂଜା କମିଟି ସଭାପତି ନାରାୟଣ ସାହୁ, ସମ୍ପାଦକ ହଳଧର ସାହୁ, ସହସମ୍ପାଦକ ଭାବେ ନରେନ୍ଦ୍ର ରାଉଳ ଉତ୍ସବ ପରିଚାଳନା କରିଥିଲେ। କୋଭିଡ଼ କଟକଣା ମାନି ଶ୍ରଦ୍ଧାଳୁମାନେ ମାଁଙ୍କୁ ଦର୍ଶନ କରିଥିଲେ। ସେହିପରି ବ୍ଲକର ଝାରବେଡ଼ା, ବାଟଗାଁ ଗୋବିନ୍ଦପୁର, ବାଗବର, ବସାଲୋଇ, ଶିମିଳିପାଳ, ଆଦି ଗ୍ରାମରେ ଗଜଲକ୍ଷ୍ମୀ ପୂଜା ଆୟୋଜିତ ହୋଇଯାଇଛି।

## ମହିଳା କଲେଜରେ ପଦାର୍ପଣ ଉତ୍ସବ

ସମ୍ବଲପୁର,୨୨।୧୦(ବ୍ୟୁରୋ)

ସମ୍ବଲପୁର ସରକାରୀ ମହିଳା କଲେଜରେ ପଦାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯୁକ୍ତଦୁଇ ପ୍ରଥମ ବର୍ଷ କଳା, ବାଣିଜ୍ୟ ଓ ବିଜ୍ଞାନ ଛାତ୍ରୀମାନଙ୍କୁ ସ୍ୱାଗତ କରାଯାଇଥିଲା। କଲେଜ ଅଧକ୍ଷ ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ସେଠୀଙ୍କ ଅଧକ୍ଷତାରେ ଉତ୍ସବ ହୋଇଥିଲା। ପ୍ରଫେସର ଉମାଶଙ୍କର ଦାଶ, ପ୍ରଫେସର ଜିତେନ କୁମାର ମିଶ୍ର, ଅଧାପକ ମହମ୍ମଦ ଜାଭେଦ, ପ୍ରଫେସର ରାଜଶ୍ରୀ ବରାଳ, ପ୍ରଫେସର ଜୟନ୍ତ କରଶର୍ମା, ଡ. ନୌବିହାରୀ ପ୍ରଧାନ ଯୋଗଦେଇ ନୂତନ ଛାତ୍ରୀ ଓ ଅଭିଭାବକଙ୍କୁ କଲେଜ ନିୟମ, ଶିକ୍ଷାଦାନ ପଦ୍ଧତି, ପରୀକ୍ଷା ସମ୍ପର୍କରେ ସୂଚନା ଦେଇଥିଲେ। ଛାତ୍ରୀ ଓ ଅଭିଭାବକ ମଧ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ଅଧାପିକା ଅନିଭା ଏକ୍କା ଧନ୍ୟବାଦ ଦେଇଥିଲେ।

# ବିଧାନସଭା ସଦାଚାର କମିଟିର ଝାରସୁଗୁଡ଼ା ଗସ୍ତ

ଝାରସୁଗୁଡ଼ା ଅଫିସ,୨୨।୧୦

ବିଧାନସଭା ସଦାଚାର କମିଟି ଅଧ୍ୟକ୍ଷ ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗୁରୁବାର ଓ ଶୁକ୍ରବାର ୨ଦିନ ଧରି ଦେବଗଡ, ସୁନ୍ଦରଗଡ ଓ ଝାରସୁଗୁଡ଼ା ଜିଲା ଗସ୍ତ କରିଛନ୍ତି। ବିଧାନସଭା ବୁକ୍ ସର୍କୁଲାର୍ ୪୭ ନିୟମ ଅନୁଯାୟୀ ଜନପ୍ରତିନିଧି ଓ ଜିଲା ପ୍ରଶାସନିକ ଅଧିକାରୀଙ୍କ ସମନ୍ୱୟ ରକ୍ଷା ଉଦ୍ଦେଶ୍ୟରେ କମିଟି ଆସିଥିବା ଜଣାପଡିଛି। କମିଟି ଶୁକ୍ରବାର ଝାରସୁଗୁଡ଼ାରେ ପହଞ୍ଚିବା ପରେ ସ୍ଥାନୀୟ ଡିଏମ୍‌ଏଫ୍ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାରେ ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧିଙ୍କ କିଭଳି ସମ୍ପର୍କ ରହିଛି ତାହା କମିଟି ଅନୁଧ୍ୟାନ କରିଥିଲା। ଜିଲାରେ ଉଭୟଙ୍କ ମଧ୍ୟରେ ସୁସମ୍ପର୍କ ରହିଥିବାରୁ ବିକାଶରେ ଅଗ୍ରଗତି ଜାରି ରହିଛି ବୋଲି ଅଧ୍ୟକ୍ଷ ଶତପଥୀ କହିଛନ୍ତି। ବୈଠକରେ କମିଟି ଅଧ୍ୟକ୍ଷ ଶତପଥୀ, ପ୍ରଫୁଲ୍ଲ ସାମଲ, କିଶୋର ମହାନ୍ତି, ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଦାଶରଥୀ ଗମାଙ୍ଗ, ଶଙ୍କର ଓରାମ ପ୍ରମୁଖ ବିଧାୟକ ରହିଥିବାବେଳେ ଜିଲା ପ୍ରଶାସନ ତରଫରୁ ଜିଲାପାଳ ସରୋଜ କୁମାର ସାମଲ, ଏସ୍‌ପି ବିକାଶ ଚନ୍ଦ୍ର ଦାସ, ପିଡି ଡିଆର୍‌ଡିଏ ତପିରାମ ମାଝି,ଏଡିଏମ୍ ଲଙ୍କେଶ୍ୱର ଅମାତ, ପ୍ରବୀର ନାୟକ, ଉପଜିଲାପାଳ ଶିବ ଟପ୍ପୋ, ତହସିଲଦାର, ବିଡିଓ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଥିବା କମିଟି ସଦସ୍ୟ ଓ ଅଧିକାରୀମାନେ।

# ପ୍ରାର୍ଥିପତ୍ର ଦାଖଲ କଲେ ୧୫ ସଙ୍ଗଠନ

ରାଉରକେଲା ଅଫିସ,୨୨।୧୦



ଆଞ୍ଚଳିକ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ କରାଯାଉଛି।

### ଆର୍‌ଏସ୍‌ପି ଶ୍ରମିକ ସଂଘ ନିର୍ବାଚନ

ନଭେମ୍ବର ୧୫ ତାରିଖରେ ଆର୍‌ଏସ୍‌ପିରେ ହେବାକୁ ଥିବା ଶ୍ରମିକ ସଙ୍ଗଠନର ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ନିର୍ବାଚନ ପାଇଁ ଆର୍‌ଏସ୍‌ପିରେ ଥିବା ୧୮ଟି ଶ୍ରମିକ ସଙ୍ଗଠନ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଗତ ଗୁରୁବାର ଆମ୍ ମଜଦୁର ସଙ୍ଗଠନ, ଗାଙ୍ଗପୁର ମଜଦୁର ମଞ୍ଚ, ହିନ୍ଦୁସ୍ଥାନ ଷ୍ଟିଲ ୱାର୍କର ଆସୋସିଏଶନ, ଇସ୍ପାତ ଲେବର ୟୁନିୟନ, କଳିଙ୍ଗ ଇସ୍ପାତ ଶ୍ରମିକ ସଂଘ, ଲୌହ ମଜଦୁର ସଂଘ, ନର୍ଥ ଓଡ଼ିଶା ୱାର୍କର୍ସ ୟୁନିୟନ ପକ୍ଷରୁ ପ୍ରାର୍ଥୀପତ୍ର ଦାଖଲ କରାଯାଇଥିଲା। ସେହିପରି ଶୁକ୍ରବାର ରାଉରକେଲା ମଜଦୁର ସଭା, ରାଉରକେଲା ଇସ୍ପାତ କର୍ମଚାରୀ ସଂଘ, ରାଉରକେଲା ଶ୍ରମିକ ପଞ୍ଚାୟତ, ରାଉରକେଲା ଶ୍ରମିକ ସଂଘ, ରାଉରକେଲା ଶ୍ରମିକ ଶକ୍ତି, ରାଉରକେଲା ଷ୍ଟିଲ ମଜଦୁର ୟୁନିୟନ, ସିଆଇଟିୟୁ ଏବଂ ଷ୍ଟିଲ ଏମ୍ପ୍ଲଇଜ୍ ଆସୋସିଏଶନ ପକ୍ଷରୁ ପ୍ରାର୍ଥପତ୍ର ଦାଖଲ କରାଯାଇଛି।

ସୂଚନାଯୋଗ୍ୟ, ଚଳିତ ମାସ ୨୧ରୁ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଏହା ଶନିବାର ପର୍ଯ୍ୟନ୍ତ ଜାରି ରହିବ। ୨୫ରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯାଇ ୨୬ରେ ଘୋଷଣା କରାଯିବ। ନଭେମ୍ବର ୧ରେ ବିଭିନ୍ନ ସଙ୍ଗଠନଙ୍କୁ ଦଳୀୟ ଚିହ୍ନ ପ୍ରଦାନ କରାଯିବ। ନିର୍ବାଚନକୁ ଦୃଷ୍ଟିରେ ରଖି ନଭେମ୍ବର ୧୫ରେ କାରଖାନା ଭିତରେ ସମୁଦାୟ ୧୬ଟି ବୁଥ୍ ବ୍ୟବସ୍ଥା କରାଯାଇଛି। ଭୋଟ୍ ଗ୍ରହଣ ପ୍ରକ୍ରିୟା ସକାଳ ୬ଟାରୁ ଆରମ୍ଭ ହୋଇ ଅପରାହ୍ନ ସାଢ଼େ ୪ଟା ପର୍ଯ୍ୟନ୍ତ ଚାଲିବ। ସାଢ଼େ ୬ଟାରେ ଭୋଟ୍ ଗଣତି ହୋଇ ଫଳାଫଳ ଘୋଷଣା କରାଯିବ ବୋଲି ବୋଲି ରାଉରକେଲା ଆଞ୍ଚଳିକ ଶ୍ରମ ଆୟୁକ୍ତ ସନ୍ତୋଷ କୁମାର ସେଠୀ କହିଛନ୍ତି।

## ବାଇକ୍ ଚୋରି, ଜଣେ ଗିରଫ

ରାଉରକେଲା ଅଫିସ,୨୨।୧୦

ରାଉରକେଲା ସେକ୍ଟର-୧୯ ଥାନା ଅଞ୍ଚଳରେ ଗୁରୁବାର ରାତିରେ ଏକ ବାଇକ୍ ଚୋରି ହୋଇଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଭବାନୀ ବାଗ(୨୯) । ଏ ନେଇ ଏକ ମାମଲା (ନଂ.୭୬/୨୧) ରୁଜୁ ହୋଇଛି।

## ସୁନା, ଟଙ୍କା ଲୁଟିନେଲେ ଦୁର୍ବୃତ୍ତ

ଜୁନାଗଡ,(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ସହର କନ୍ୟାଶ୍ରମ ପଡାର ଶିବରାଜ ମିଶ୍ରଙ୍କ ଘରୁ ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଆଲମାରୀ ଭାଙ୍ଗି ସୁନା, ଟଙ୍କା ଲୁଟି ନେଇଥିବା ଜଣାପଡିଛି। ଏ ନେଇ ଶୁକ୍ରବାର ଶିବରାଜ ଜୁନାଗଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଜୁନାଗଡ ପୋଲିସ ଏକ ମାମଲା (ନଂ. ୩୫୮/୨୧) ରୁଜୁ କରି ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ସହ ପହଞ୍ଚି ତଦନ୍ତ କରିଛନ୍ତି। ଆଲମିରାରେ ୫ ଭରି ସୁନା ସହ ୫୦ ହଜାର ଟଙ୍କା ଥିବା ଶିବରାଜ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଗୁରୁବାର ରାତିରେ ଘରେ କେହି ନ ଥିବାବେଳେ ଦୁର୍ବୃତ୍ତମାନେ ପଛପଟ ଫାଟକ ଆଡୁ ଆସି ଚୋରି କରିଥିବା ଜଣାପଡିଛି।

**ସଂକ୍ଷେପରେ**

## କ୍ଷୀତିସ୍ୱରାଙ୍କ ଇଣ୍ଡିଆ ବୁକ ଅଫ୍ ରେକର୍ଡ



ନୂଆପଡ଼ା ଅଫିସ,୨୨।୧୦: ୩ ବର୍ଷର କୁନିଝିଅ ଇଣ୍ଡିଆ ବୁକ ଅଫ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ହେଲେ ନୂଆପଡା ସଦର ମନ୍ଦିର ପଡା ୱାର୍ଡ ନଂ-୩ ଅଶ୍ୱନୀ କୁମାର ମାଝି ଓ ଲକ୍ଷ୍ମୀପ୍ରିୟା ମାଝିଙ୍କ କନ୍ୟା କ୍ଷୀତିସ୍ୱରା। ସର୍ବଭରତୀୟସ୍ତରରେ ପ୍ରତିଭା ଅନେଷ୍ୱଣ କାର୍ଯ୍ୟକ୍ରମରେ ଇଣ୍ଡିଆ ବୁକ ଅଫ ରେକର୍ଡ ସଂସ୍ଥା ପକ୍ଷରୁ କ୍ଷୀତିସ୍ୱରାଙ୍କୁ ୨୦ଟି ହିସ୍ରଜନ୍ତୁ,୧୯ଟି ଫଳ, ୧୩ଟି ଯାନ, ୨୧ଟି ଜାତୀୟ ସଂକେତ, ୩୨ଟି ଏସୀୟ ଦେଶ, ୨୮ଟି ଭାରତୀୟ ରାଜ୍ୟ ଏବଂ ତାର ରାଜଧାନୀ ନାମ, ୧୧ଟି ମନ୍ତ୍ର, ୨୨ଟି ହିନ୍ଦି ରାଇମ୍ସ,୧୨ ମାସ, ୯ଟି ବିପରିତ ଅର୍ଥବୋଧକ ଶବ୍ଦ ଏବଂ ୧୨ ଟିସାଧାରଣ ଜ୍ଞାନ ପ୍ରଶ୍ନର ଉତ୍ତର ଦେଇଥିବାରୁ ସମ୍ମାନିତ କରାଯାଇଥିଲା। କ୍ଷୀତିସ୍ୱରା ଏହି ରେକର୍ଡର ଅଧିକାରୀ ହୋଇଥିବାରୁ ସଂସ୍ଥା ପକ୍ଷରୁ ପ୍ରଶଂସାପତ୍ର ଓ ପଦକ ପ୍ରଦାନ କରାଯାଇଥିଲା। ଛୋଟ ବୟସରେ ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନ ପାଇଥିବାରୁ ଜିଲାରେ ତାଙ୍କୁ ପ୍ରଶଂସା କରାଯାଇଛି।

## ବ୍ରିଜ୍ କାମ ସରିଛି, ହେଉନି ସଂଯୋଗୀ ରାସ୍ତା ନିର୍ମାଣ

ନୂଆପଡା ଅଫିସ/ଖଡିଆଳ, ୨୨।୧୦(ଡି.ଏନ.ଏ.): ନୂଆପଡା ଜିଲା ଖଡିଆଳ ବ୍ଲକ ଡୁଆଝର ଓ ଢଙ୍କସର ଗ୍ରାମକୁ ଯିବା ରାସ୍ତାରେ ପଡୁଥିବା ଏକ ନାଳ ଉପରେ ଦୀର୍ଘ ୧୦ ବର୍ଷ ହେବ ବ୍ରିଜ ନିର୍ମାଣ କାମ ଶେଷ ହୋଇଛି। ବ୍ରିଜ ପାଖରୁ ରାସ୍ତା ନ ଥିବାରୁ ଏହି ୨ ଗାଁବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଗ୍ରାମବାସୀ ଅନେକ ଥର ଜିଲା ପ୍ରଶାସନଠାରେ ଦାବି କରି ଆସୁଥିଲେ ହେଁ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି। ଫଳରେ ଏହି ପାଖରେ ଅନେକ ଲୋକ ଦୁର୍ଘଟଣାର ଶିକାର ହୋଇ ଅକାଳରେ ପ୍ରାଣ ହରାଉଥିବା ବେଳେ ଅନେକ ଲୋକ ଦୁର୍ଘଟଣାର ଶିକାର ହୋଇ ଖର୍ଚ୍ଚାନ୍ତ ହେଉଛନ୍ତି। ରାସ୍ତା ନିର୍ମାଣ ନ ହେବାରୁ ଚାରି ଚକିଆ ଗାଡ଼ି କିମ୍ବା ଆମ୍ବୁଲାନ୍ସ ସେବା ଗାଁରେ ପହଞ୍ଚି ପାରୁନାହିଁ। ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି। ଏ ନେଇ ଗ୍ରାମବାସୀ ଖଡିଆଳ ବିଡିଓ ଏବଂ ବିଭାଗୀୟ ଅଧୀକାରୀଙ୍କ ପାଖରେ ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହେଉଛି। ଏ ନେଇ ସାମାଜିକ କର୍ମୀ ଅକ୍ଷୟ ନନ୍ଦ, ଆଇଜୀବୀ ରବିନ୍ଦ୍ର କୁମ୍ଭାର, ଜିତୁ କୁମ୍ଭାର, ସହେଜାତ ଖାଁ, ଫିରଜ ଖାଁ, କୌଷିକ କୁମ୍ଭାର, ମାଧବ କାଣ୍ଡ, ଅଶୋକ ବିଶି ଓ ଶତାଧିକ ଗ୍ରାମବାସୀ ରାସ୍ତା ନିର୍ମାଣ ପାଇଁ ଦାବି କରିଛନ୍ତି। ଦୀର୍ଘ ୧୦ ବର୍ଷ ପୂର୍ବେ ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ୨ ଜଣଙ୍କ ବ୍ୟକ୍ତିଙ୍କ ଜମି କ୍ଷତିପୂରଣ ରାଶି ପ୍ରଦାନ କରାଯାଇଥିବାବେଳେ ୨ ଜଣଙ୍କୁ ଏଯାଏଁ କ୍ଷତି ପୂରଣ ରାଶି ମିଳିନାହିଁ। ବାରମ୍ବାର ଜିଲା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସୁଫଳ ମିଳି ପାରିନାହିଁ। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ଏହାର ସମାଧାନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ନ ହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଚେତାବନୀ ଦେଇଛନ୍ତି।

# ମରୁଡ଼ିରୁ ବଞ୍ଚିଥିବା ଧାନରେ ରୋଗପୋକ

ନୂଆପଡା ଅଫିସ/ଖଡିଆଳ, ୨୨।୧୦(ଡି.ଏନ.ଏ.)



ଧାନ କେଣ୍ଡା ଧରି ଚାଷୀମାନେ ଦେଖାଉଛନ୍ତି।

ଚଳିତବର୍ଷ ନୂଆପଡା ଜିଲାରେ ମରୁଡି ପରିସ୍ଥିତି ଦେଖାଦେଇଥିବା ବେଳେ ଯେଉଁଠାରେ ଉଠା ଜଳସେଚନ ବ୍ୟବସ୍ଥା ରହିଛି ସେଠାରେ ବଞ୍ଚିଥିବା ଧାନ ଏବେ ରୋଗପୋକ ଲାଗି ନଷ୍ଟ ହେଉଛି। ବର୍ତ୍ତମାନ ଧାନ ଅମଳ ହେବା ସମୟ କାଣ୍ଡ ବିନ୍ଧା ପୋକ ଲାଗି ଧାନ କେଣ୍ଡା ଶୁଖି ଯାଇଛି। ଏହାକୁ ନେଇ ଚାଷୀଙ୍କ ଚିନ୍ତା ବଢ଼ି ଯାଇଛି। ଖଡିଆଳ ବ୍ଲକ ଦୋହେଲପଡା ଓ ଖାସବାହାଲ ପଞ୍ଚାୟତ ବଙ୍କାପୁର, ବହଲ ପଦର, ଖାସବାହାଲ, ଖଇରଭାଡି, ଚାନ୍ଦେଲ, ଚଚରାଭଟା ଆଦି ଗ୍ରାମର ଅଧିକାଂଶ ଧାନ କିଆରିରେ ପୋକ ଲାଗି ଧାନ ସବୁ ନଷ୍ଟ ହେଉଥିବା ବେଳେ କୌଣସି କୃଷି କର୍ମଚାରୀ ଯାଉ ନ ଥିବା ବେଳେ ଚାଷୀଙ୍କୁ କୌଣସି ସହଯୋଗ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ରୁଆ ଧାନ ଅପେକ୍ଷା ବୁଣା ଧାନରେ ଅଧିକ କରି ରୋଗପୋକ ଲାଗୁଥିବା ବେଳେ ସ୍ୱର୍ଣ୍ଣା ଓ ପୂଜା ଧାନ କରିଥିବା ଚାଷୀ ମୁଣ୍ଡରେ ହାତ ଦେଇ ବସିଲେଣି। କୃଷି ଅଧିକାରୀ ଯାଉ ନ ଥିବାରୁ ଚାଷୀମାନେ ଦୋକାନକୁ ଯାଇ ଦୋକାନୀଙ୍କୁ ପଚାରି ଔଷଧ ଆଣି ସିଞ୍ଚନ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। କେବଳ ଖଡିଆଳ ବ୍ଲକ ନୁହେଁ ଜିଲାର ସିନାପାଲି, କୋମନା, ବୋଡେନ, ନୂଆପଡା ବ୍ଲକର ଚାଷୀଙ୍କୁ ପୋକ ଦାଉ ସାଧୁଛି। ଚାଷୀମାନଙ୍କୁ ସବସିଡିରେ ସାର, ଔଷଧ ମିଳିବା ନିୟମ ଥିଲେ ମଧ୍ୟ ଚାଷୀ ଏହି ସୁବିଧା ପାଇ ପାରୁନାହାନ୍ତି। ଚାଷୀ ଚଢା ଦରରେ ଔଷଧ ଓ ସାର କୋଚିଆଠାରୁ କିଣୁଥିବା ଅଭିଯୋଗ ହେଉଛି। ଚାଷୀ ମରୁଡିର ଶିକାର ହୋଇ ମେରୁଦଣ୍ଡ ଦୋହଲି ଯାଇଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ କୌଣସି ସହଯୋଗ ମିଳୁନାହିଁ। ଏ ସଂକ୍ରାନ୍ତରେ ଜିଲା କୃଷି ଅଧିକାରୀ ସୁରେଶ ଚନ୍ଦ୍ର ବେହେରା ଓ ଖଡିଆଳ ଅତିରିକ୍ତ କୃଷି ଅଧିକାରୀ ନୀତା ଶବରଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର କ୍ଷେତ୍ର ପରିଦର୍ଶନ କରି ଏହାର ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ।

## ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

ଲାଞ୍ଜିଗଡ଼,୨୨।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ତ୍ରିଲୋଚନପୁର ପଞ୍ଚାୟତଠାରେ ଶୁକ୍ରବାର ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଜୁ ଛାତ୍ର ଜନତା ଦଳ ଜିଲା ସାଧାରଣ ସମ୍ପାଦକ ପରୀକ୍ଷିତ ନାଏକଙ୍କ ତତ୍ତ୍ୱାବଧାନରେ ପ୍ରଥମେ ସ୍କୁଲ ପରିସର, ପଞ୍ଚାୟତ କାର୍ଯ୍ୟାଳୟ, ବିଭିନ୍ନ ନଳକୂପ, ହାଟପଦା, ମୁଖ୍ୟ ରାସ୍ତାଘାଟ ସଫେଇ କରାଯାଇଥିଲା। କାର୍ଯ୍ୟକ୍ରମରେ ତ୍ରିଲୋଚନପୁର ପଞ୍ଚାୟତ ବିଜୁ ଜନତା ଦଳ ସଭାପତି ତରୁଣୀସେନ ବାଗ, ବସନ୍ତ ବାଗ, ଦିବା ବାଗ, ଜୁନୁନ ବାଗ, ଘନଶ୍ୟାମ ପଟ୍ଟନାୟକ, ନରେଶ ଗହୀର, ଦୈତାରୀ ଗଉଡ଼, ତରାଣୀ ବାଗ, ନକୁଳ ଗଉଡ଼, ବାବୁଲା ହରିଜନଙ୍କ ସମେତ ବିଜୁ ଜନତା ଦଳ କର୍ମକର୍ତ୍ତା ଓ ବ୍ଲକ ବିଜୁ ଛାତ୍ର ଜନତା ଦଳ କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

# ବିନା ପାଉଣାରେ ଶ୍ରମିକଙ୍କୁ କାମ କରାଉଛନ୍ତି ସରକାର

ବଲାଙ୍ଗୀର ଅଫିସ,୨୨।୧୦

**ପାଉଣା ଦାବିରେ ଶ୍ରମିକଙ୍କ ସହ ଧାରଣା ଦେଲେ ବିଧାୟକ**

କରୋନା କାଳରେ ଶ୍ରମିକଙ୍କୁ ରୋଜଗାର ଯୋଗାଇ ଦେବା ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର। ଏହି ଯୋଜନା ମାଧ୍ୟମରେ କୋଟି କୋଟି ଶ୍ରମିକଙ୍କୁ ପାଉଣା ଯୋଗାଇ ଦେଉଥିବା ନେଇ ଉଭୟ ସରକାର ଡିଣ୍ଡିମ ପିଟୁଛନ୍ତି। କିନ୍ତୁ ଏମଜିଏନ୍‌ଆରଇଜିଏ କାମ କରାଇ ବର୍ଷ ବର୍ଷ ଧରି ଶ୍ରମିକଙ୍କୁ ପାଉଣା ଦିଆଯାଉନାହିଁ। ଏମଜିଏନ୍‌ଆରଇଜିଏ ଆଇନ କହୁଛି ଶ୍ରମିକ କାମ କରିବାର ୧୫ ଦିନ ଭିତରେ ସରକାର ତାଙ୍କୁ ତାଙ୍କର ପାଉଣା ଦେବେ। କିନ୍ତୁ ଆଇନରେ ଏହା ସ୍ପଷ୍ଟ ଉଲ୍ଲେଖ ଥିଲେ ମଧ ସରକାର ବର୍ଷ ବର୍ଷ ଧରି ପାଉଣା ଦେଉନାହାନ୍ତି ଏବଂ ଏନେଇ ପଚାରିଲେ ସନ୍ତୋଷଜନକ ଉତ୍ତର ମିଳୁନାହିଁ ବୋଲି ଶୁକ୍ରବାର ବଲାଙ୍ଗୀର ବିଧାୟକ ତଥା ରାଜ୍ୟ ବିଧାନସଭା କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି।

ବଲାଙ୍ଗୀର ସଦର ବ୍ଲକ ମନହୀରା ପଞ୍ଚାୟତର ଅନେକ ଏମଜିଏନ୍‌ଆରଇଜିଏ ଶ୍ରମିକ ଦୀର୍ଘଦିନରୁ କାମ କରିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ପାଉଣା ପାଇନାହାନ୍ତି। କିଛି ଶ୍ରମିକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାମ କରିଛନ୍ତି ଏବଂ ଅନ୍ୟ କେତେଜଣ ଏମଜିଏନ୍‌ଆରଇଜିଏ ଯୋଜନାରେ ମାଟିକାମ କରିଛନ୍ତି। ସେମାନେ ବାରମ୍ବାର ପାଉଣା ପାଇଁ ଧାଁଧପଡ କରୁଛନ୍ତି। ଏହାର ପ୍ରତିବାଦରେ ଶୁକ୍ରବାର ସ୍ଥାନୀୟ ବିଧାୟକ ନରସିଂହ ମିଶ୍ରଙ୍କ ଉପସ୍ଥିତିରେ ଶ୍ରମିକମାନେ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଭିତରେ ଧାରଣାରେ ବସିଥିଲେ। ତାଙ୍କର ଅଭିଯୋଗ ଯୋଜନା କାମ ବହୁ ମାସ ପୂର୍ବରୁ ସରିଥିଲେ ସୁଦ୍ଧା ପ୍ରାପ୍ୟ ମିଳୁନାହିଁ। ଆଜି ଶ୍ରମିକମାନେ ତାଙ୍କର ଗୋଟିଏ ଶ୍ରମ ଦିବସକୁ ନଷ୍ଟ କରି ଭୋକ ଉପାସରେ ଗାଡି ଭଡା ଦେଇ ଜିଲାପାଳଙ୍କ ଅଫିସକୁ ଆସିଥିଲେ। ଏହାର ଭରଣା କିଏ କରିବ ବୋଲି ପ୍ରଶାସନ ଆଗରେ ପ୍ରଶ୍ନ ରଖିଥିଲେ। ଏହି ସମସ୍ୟାକୁ ନେଇ ଅତିରିକ୍ତ ଜିଲାପାଳ, ସଦର ବିଡିଓ, ଏବିଡିଓଙ୍କ ସହ ଆଲୋଚନାରୁ କିଛି ଫଳ ନ ମିଳିବାରୁ ବିଧାୟକ ପଞ୍ଚାୟତିରାଜ ବିଭାଗ ସଚିବଙ୍କ ସହ ଫୋନ ଯୋଗେ କଥା ହୋଇଥିଲେ। କିନ୍ତୁ କୌଣସି ସୁଫଳ ମିଳି ନ ଥିଲା। ଆଗାମୀ ୭ ଦିନ ଭିତରେ ଶ୍ରମିକଙ୍କ ପାଉଣା ପ୍ରଦାନ ନ କଲେ କାମ କରିଥିବା ଶ୍ରମିକମାନେ ସପରିବାର ଆସି ଜିଲାପାଳ ଅଫିସ ସାମନାରେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଏହି ସମସ୍ୟାର ସମାଧାନ ନେଇ ଏଡିଏମ୍ ଅନନ୍ତ ନାରାୟଣ ସିଂ ଲାଗୁରୀ, ବଲାଙ୍ଗୀର ବିଡିଓ, ଏବିଡିଓ କିଛି ଦିନର ମହଲତ ମାଗିବା ପରେ ଶ୍ରମିକମାନେ ଧାରଣାରୁ ଉଠିଥିଲେ।

# ୮ ଦିନ ହେଲା ପାନୀୟ ଜଳ ଯୋଗାଣ ବନ୍ଦ



୮ ଦିନ ହେଲା ପମ୍ପ ହାଉସରେ ତାଲା ପଡ଼ିଛି।

ମୋହନଗିରି,୨୧।୧୦(ଡି.ଏନ.ଏ.)

**ଜଳ ଯୋଗାଣ କର୍ମଚାରୀଙ୍କ ଆନ୍ଦୋଳନ**

କଳାହାଣ୍ଡି ଜିଲା ମ. ରାମପୁର ବ୍ଲକ ମୋହନଗିରିଠାରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଦ୍ୱାରା ପାଇପ ମାଧ୍ୟମରେ ଯୋଗାଇ ଦିଆଯାଉଥିବା ପାନୀୟ ଜଳ ଅଜକୁ ୮ ଦିନ ହେବ ବନ୍ଦ ହୋଇଛି। ଫଳରେ ମୋହନଗିରି ୨ଟି ୱାର୍ଡ ସହ ବିଜମାଲ ଗ୍ରାମର ଲୋକେ ନାହିଁ ନ ଥିବା ଅସୁବିଧା ସମୁଖିନ ହେଉଛନ୍ତି। ଜଳ ଯୋଗାଣ ବିଭାଗ କର୍ମଚାରୀମାନେ ୭ ଦଫା ଦାବି ନେଇ ଭୁବନେଶ୍ୱରରେ ଆନ୍ଦୋଳନ କରୁଥିବାରୁ ଏହାର ପ୍ରଭାବ ଏଠାରେ ଦେଖିବାକୁ ମିଳିଛି। ଏଠାରେ ନିଯୁକ୍ତ ଜଳ ଯୋଗାଣ କର୍ମଚାରୀ ମଧ ୮ ଦିନ ହେଲା ପମ୍ପ ହାଉସକୁ ତାଲା ପକାଇ ଦେଇଛନ୍ତି। ଏ ନେଇ ସମ୍ପୃକ୍ତ କର୍ମଚାରୀଙ୍କୁ ପଚାରିବାରୁ ଆମ ମହାସଂଘ ନିର୍ଦ୍ଦେଶକ୍ରମେ ଆମେ କାର୍ଯ୍ୟ ବନ୍ଦ କରିଛୁ ବୋଲି ପ୍ରକାଶ କରିଛନ୍ତି। ଏହି ପ୍ରକଳ୍ପ ମୋହନଗିରି ପଞ୍ଚାୟତ ଅଧୀନରେ ଥିବା ବେଳେ ଏହାର ସମାଧାନ ପାଇଁ ସ୍ଥାନୀୟ ସରପଞ୍ଚ ବଳଭଦ୍ର ପାତ୍ର ଓ ପଞ୍ଚାୟତ ଅଧିକାରୀ ଗଣପତି ନାଏକଙ୍କୁ ଜଣାଇ ଥିଲେ ବି କୌଣସି ପଦକ୍ଷେପ ନେଇ ନ ଥିବା ଜଣାପଡିଛି। ସେହିପରି ଦାୟିତ୍ୱରେ ଥିବା ଜଳ ଯୋଗାଣ ବିଭାଗ ଜେଇଙ୍କୁ ପଚାରିବାରୁ କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ନ ଥିବା ବେଳେ ଜଳ ଯୋଗାଣ କର୍ମଚାରୀଙ୍କ ଆନ୍ଦୋଳନ ସମ୍ପର୍କିତ କୌଣସି ଅଭିଯୋଗ ଆମ ନିକଟରେ ନାହିଁ। ତେବେ କେଉଁ କାରଣରୁ ଜଳ ଯୋଗାଣ ବନ୍ଦ ରହିଛି ମୁଁ ପଚାରି ବୁଝୁଛି ବୋଲି ମ. ରାମପୁର ବିଡିଓ ପ୍ରକଶ କରିବା ସହିତ ଯଥାଶୀଘ୍ର ଏହାର ସମାଧାନ କରାଯିବ ବୋଲି କହିଥିଲେ।

## ସୁନାଦେଈ ପୂଜା କମିଟିର ସଚେତନତା କାର୍ଯ୍ୟକ୍ରମ

ନୂଆପଡ଼ା ଅଫିସ,୨୨।୧୦

ନୂଆପଡା ଜିଲା ୟାର ଅନୁଷ୍ଠାନ ଖଡିଆଳ ପକ୍ଷରୁ ସୁନାଦେଈ ପୂଜା କମିଟିକୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୟାର ଅନୁଷ୍ଠାନ ସଂଯୋଜକ ଅରୁଣ କୁମାର ବିଶ୍ୱାଳ ଓ ହରିଦାସ ପଟେଲ ଯୋଗଦେଇ ପୂଜା କମିଟି ସଦସ୍ୟମାନଙ୍କୁ ନେଇ ଏକ ତାଲିମ ପ୍ରଦାନ କରିଥିଲେ। ସୁନାଦେଈ ଯାତ୍ରାରେ ଭିଡ ପରିଲକ୍ଷିତ ହୁଏ। କୋଭିଡ୍ ନିୟମକୁ ଦୃଷ୍ଟିରେ ରଖି ତାଲିମ ପ୍ରଦାନ କରାଯାଇଛି। ମାସ୍କ, ସାନିଟାଇଜର, ତାପମାତ୍ରା ମାପିବା ଯନ୍ତ୍ର, ଅକ୍ସିମିଟର ଇତ୍ୟାଦି ପ୍ରଦାନ କରାଯାଇଛି। ସୁନାବେଡା ଯାଇଥିବା ଲୋକଙ୍କୁ ପ୍ରଥମେ ତାପମାତ୍ରା, ଅକ୍ସିମିଟରରେ ପରୀକ୍ଷା କରି ସାନିଟାଇଜରରେ ହାତ ସଫା କରି ମାସ୍କ ଲଗାଇ ଭିତରକୁ ପ୍ରବେଶ କରିବା ପାଇଁ ତାଲିମ ଦିଆଯାଇଛି। ଏହି କାର୍ଯ୍ୟ ସୁନାଦେଈ ପୂଜା କମିଟି ସଦସ୍ୟ ଯୁବରାଜ ସିଂ ଛତ୍ରିଆ, ଗୌସିଂ ମାଝି, ଦଶମତି ଛତ୍ରିଆ, ଦଉଲତ ପୁଝାରୀ, କେଶର ବର୍ଗେ, ମହରାଜ ଛତ୍ରିଆ, ଘନରାମ ମାଝି, ଜାନକି ବାଇ ଛତ୍ରିଆ, ସୁମାନି ମାଝି ପ୍ରମୁଖ କାର୍ଯ୍ୟ ତୁଲାଇଛନ୍ତି।

# ଜିଲାପାଳଙ୍କ ଦୁର୍ଗେଶ୍ୱରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ

ଲାଠୋର,୨୨।୧୦(ଡି.ଏନ.ଏ.)



ଲାଠୋର ଦୁର୍ଗେଶ୍ୱରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଜିଲାପାଳ ପ୍ରଧାନଶିକ୍ଷକଙ୍କ ସମେତ ଅନ୍ୟମାନଙ୍କ ସହ ଆଲୋଚନା କରୁଛନ୍ତି।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ଦୁର୍ଗେଶ୍ୱରୀ ନୋଡାଲ ଉଚ୍ଚ ବିଦ୍ୟାଳୟକୁ ଶୁକ୍ରବାର ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା ପରିଦର୍ଶନରେ ଯାଇଥିଲେ। ଏହି ସମୟରେ ସେ କେତେକ କାର୍ଯ୍ୟ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଉପରେ ବିରକ୍ତି ପ୍ରକାଶ କରିଥିବା ଦେଖିବାକୁ ମିଳିଥିଲା। ପରିଦର୍ଶନ ବେଳେ ଜିଲାପାଳଙ୍କ ସହ ଜିଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରା,ଖପ୍ରାଖୋଲ ବିଡିଓ ରଶ୍ମି ରଞ୍ଜନ ରାଉତ, ତହସିଲଦାର ଆଦିତ୍ୟ ପ୍ରଶାଦ ମିଶ୍ର, ବ୍ଲକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ପୁରୋହିତ, ସହକାରୀ ଯନ୍ତ୍ରୀ ଏସ.କେ. ଜୟପୁରିଆ, ଲାଠୋର ସରପଞ୍ଚ ପ୍ରବିଣ ଅଗ୍ରୱାଲ ଉପସ୍ଥିତ ଥିଲେ। ଯେଉଁ ବିଦ୍ୟାଳୟଗୁଡିକ ସରକାରଙ୍କ ମୋ ସ୍କୁଲ ଯୋଜନାରେ ସାମିଲ ହୋଇଛି ସେହି ବିଦ୍ୟାଳୟଗୁଡିକୁ ବିଦ୍ୟାଳୟ ରୁପାନ୍ତରିକରଣ ଉପରେ ବୈଠକ ହୋଇଛି କି ନାହିଁ ତାର ତଦାରଖ ପାଇଁ ପରିଦର୍ଶନ କରିଥିଲେ। ହେଲେ ଆଜିଯାଏ ଦୁର୍ଗେଶ୍ୱରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବୈଠକ ହୋଇ ନ ଥିବା ସେ ଜାଣିବାକୁ ପାଇଥିଲେ। ନବମ ଶ୍ରେଣୀ ଛାତ୍ରୀମାନଙ୍କୁ ରୁପାନ୍ତରିକରଣ ଉପରେ କିଛି ପ୍ରଶ୍ନ କରିଥିଲେ। ଅଧିକାଂଶ ଛାତ୍ରୀ ଉତ୍ତର ଦେବାରେ ସକ୍ଷମ ହୋଇ ନ ଥିବାରୁ ଇଂରାଜୀ ବହି ମାଗିଥିଲେ। ଛାତ୍ରୀମାନେ ଇଂରାଜୀ ବହି ଦେବା ପରିବର୍ତ୍ତେ ସେମାନେ ବିଦ୍ୟାଳୟରୁ ଏପର୍ଯ୍ୟନ୍ତ ସମୟ ସାରଣୀ ପାଇ ନ ଥିବା ପ୍ରକାଶ କରିଥିଲେ। ବିଦ୍ୟାଳୟର ଏହିସବୁ ଅବ୍ୟବସ୍ଥାକୁ ଦେଖି ଜିଲାପାଳ ବିରକ୍ତି ପ୍ରକାଶ କରି ତୁରନ୍ତ ବିଦ୍ୟାଳୟରେ ରୁପାନ୍ତରିକରଣ ଉପରେ ବୈଠକ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ବିଦ୍ୟାଳୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୪୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ଶ୍ରେଣୀଗୃହକୁ ତୁରନ୍ତ ଶେଷ କରିବା ପାଇଁ କହିଥିଲେ। ସେହିପରି ବେନ୍ଦେର ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ମଧ ପରିଦର୍ଶନରେ ଯାଇଥିବା ଜଣାପଡିଛି।

# ଧର୍ମଗଡ଼ ଘରୋଇ ବସ କର୍ମଚାରୀ ସଂଘ କର୍ମକର୍ତ୍ତା ଚୟନ

ଜୁନାଗଡ଼,୨୨।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ଠାରେ ଧର୍ମଗଡ଼ ଘରୋଇ ବସ କର୍ମଚାରୀ ସଂଘ କର୍ମକର୍ତ୍ତା ମନୋନୀତ ହୋଇଥିଲା। ଏଥିରେ ସଭାପତି ଭାବେ ଆଇନଜୀବୀ ଶିଶିର ପଟ୍ଟନାୟକ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ। ଉପସଭାପତି ଭାବେ ନରୋତ୍ତମ ପୁରୋହିତ, ସମ୍ପାଦକ ବସନ୍ତ କୁମାର ନାଏକ, ସହସମ୍ପାଦକ ପ୍ରସାଦ ଦଣ୍ଡସେନା କୋଷାଧ୍ୟକ୍ଷ ଭାବେ ପୁରୁଷୋତ୍ତମ ମାଝି ପ୍ରମୁଖ ମନୋନୀତ ହୋଇଥିଲେ। ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ଧନମାଳୀ ଧଙ୍ଗଡାମାଝି, ଗୌତମ କଟା, ନାରାୟଣ ପୂଝାରୀ, ତମାଳ ନାଏକ, ବଂଶୀଧର ନାଏକ, ଲକ୍ଷ୍ମୀକାନ୍ତ ଶାଗର, ଟିକନୋ ରାଉତ, ଗୌରଚନ୍ଦ୍ର ନାଏକ, ଶିଶିର କୁମାର ସାହୁ, କମଳାକାନ୍ତ ପ୍ରଧାନ, ଉଛବ ଛତ୍ରିଆ, କେଦାର ଦଣ୍ଡସେନା ପ୍ରମୁଖ ମନୋନୀତ ହୋଇଥିଲେ। ପରେ ବସ ଡ୍ରାଇଭର, ହେଲପର ଓ କଣ୍ଡକ୍ଟର ମାନଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଉପରେ ଆଲୋଚନା ହୋଇଥିଲା। ଘରୋଇ ବସ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ନେଇ ସଂଘ ପକ୍ଷରୁ ଏକ ପ୍ରତିନିଧି ଦଳ ସରକାରଙ୍କୁ ଅବଗତ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ସମ୍ପାଦକ ବସନ୍ତ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଇନ ସେବା ପ୍ରାଧିକରଣର ସଚେତନତା କାର୍ଯ୍ୟକ୍ରମ

ନୂଆପଡ଼ା ଅଫିସ,୨୨।୧୦

ନୂଆପଡା ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସସ୍ମିତା ନାୟକଙ୍କ ନେତୃତ୍ୱରେ ପରିଚାଳିତ ଆଇନ ସଚେତନତା କାର୍ଯ୍ୟକ୍ରମ କୋମନା ବ୍ଲକ ସମରସିଂ ଓ କୁରୁମପୁରି ଗ୍ରାମଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ଦୌରାଜଜ୍ ତଥା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଭଗବାନ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ମୁଖ୍ୟ ନ୍ୟାୟିକ ବିଚାରପତି ସୋମ୍ୟା ଶୁଭଦର୍ଶନୀ, ରେଜିଷ୍ଟ୍ରାର ଜୟ ପ୍ରକାଶ ନାୟକ, କୋର୍ଟ ପରିଚାଳକ ତୁଷାର ବାବୁ ପ୍ରମୁଖ ଯୋଗ ଦେଇଥିଲେ। ମହାମାୟା ଆଇନ କଲେଜ ପାରା ଲିଗାଲ ସ୍ୱେଚ୍ଛାସେବୀ ପ୍ରିୟଙ୍କା ପାତ୍ର, ପ୍ରିତେଶ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

କୋକସରା,୨୧।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଡାଲଗୁମା ପଞ୍ଚାୟତଠାରେ ବସୁଧା ଯୋଜନାରେ ନିର୍ମାଣ ନୂତନ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ଶୁକ୍ରବାର ଧର୍ମଗଡ଼ ବିଧାୟକ ମୌଷଧି ବାଗ ଉଦ୍‌ଘଟନ କରିଛନ୍ତି। ଦୀର୍ଘ ଦିନରୁ ଗ୍ରାମବାସୀ ବିଶୁଦ୍ଧ ପାନୀୟ ଜଳ ପାଇଁ ଦାବି କରି ଆସୁଥିବା ବେଳେ ବିଧାୟକଙ୍କ ପ୍ରଚେଷ୍ଟାରେ ପ୍ରକଳ୍ପ ଉଦ୍‌ଘାଟନ ହେବାରୁ ଡାଲଗୁମା ଗ୍ରାମବାସୀଙ୍କ ବହୁ ଦିନର ଆଶା ପୂର୍ଣ୍ଣ ହୋଇଛି। କାର୍ଯ୍ୟକ୍ରମରେ କୋକସରା ବିଡିଓ ମନିଷା ଦାସ, ସରପଞ୍ଚ ଯଦୁମଣି ହଂସ, ସମିତିସଭ୍ୟ ଭୁବନେଶ୍ୱର ମାଝି, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଫନିନ୍ଦ୍ର ଆର୍କା ଓ ପଞ୍ଚାୟତ ଅଧିକାରୀ, ସ୍ଥାନୀୟ ବୁଦ୍ଧିଜୀବୀ ଏବଂ ଜନସାଧାରଣ ଉପସ୍ଥିତ ଥିଲେ।




ଜଳ ଯୋଗାଣ ପ୍ରକଳ୍ପକୁ ବିଧାୟକ ମୌଷଧି ବାଗ ଉଦ୍‌ଘଟନ କରୁଛନ୍ତି।

# ସରକାରୀ ଜମି ଜବରଦଖଲ ଅଭିଯୋଗ

କେସିଙ୍ଗା,୨୨।୧୦(ଡି.ଏନ.ଏ.)



ତୁଣ୍ଡଲା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଥିବା ମୁଖ୍ୟ ରାସ୍ତା।

**ମୁଖ୍ୟରାସ୍ତା ଉପରେ କାଦୁଅ, ଯାତାୟାତରେ ସମସ୍ୟା**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ତୁଣ୍ଡଲା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଥିବା ମୁଖ୍ୟ ରାସ୍ତାକୁ ଦୀର୍ଘ ୨୦ ବର୍ଷ ହେଲା ସ୍ଥାନୀୟ ଗାଁର ଜଣେ ବ୍ୟକ୍ତି ବିଲ୍ଡିଂ ନିର୍ମାଣ କରିଛନ୍ତି। ଚିହ୍ନଟ ସରକାରୀ ଜମିକୁ ଜବରଦଖଲକାରୀଙ୍କୁ ଛାଡୁ ନ ଥିବାରୁ ଜିଲାପାଳ, ଉପଜିଲାପାଳ ଓ କେସିଙ୍ଗା ତହସିଲଦାରଙ୍କ ନିକଟରେ ତୁଣ୍ଡଲା ସରପଞ୍ଚ ଭଗବାନ ସାହୁ ଅଭିଯୋଗ କରି କରିଛନ୍ତି।

ତୁଣ୍ଡଲା ଗ୍ରାମ ମୁଖ୍ୟ ରାସ୍ତାକୁ ଦୀର୍ଘ ବର୍ଷରୁ ଜବରଦଖଲ କରିଥିବାରୁ ଡ୍ରେନ ନିର୍ମାଣରେ ବାଧା ସୃଷ୍ଟି ହେଉଛି। ଡ୍ରେନ ନିର୍ମାଣ ହୋଇ ପାରୁ ନ ଥିବାରୁ ଗ୍ରାମର ମଇଳା ପାଣି ନିଷ୍କାସନରେ ସମସ୍ୟା ଦେଖାଯାଉଛି। ଏହି ମୁଖ୍ୟ ରାସ୍ତା ପାର୍ଶ୍ୱରେ ତୁଣ୍ଡଲା ପଞ୍ଚାୟତ କାର୍ଯ୍ୟାଳୟ, ପ୍ୟାକ୍ସ କାର୍ଯ୍ୟାଳୟ, ହାଇସ୍କୁଲ ଥିବାରୁ ଗ୍ରାମର ଛାତ୍ରୀଛାତ୍ରମାନେ ସ୍କୁଲ ଯିବା ସମୟରେ କାଦୁଅ ରାସ୍ତା ଡେଇଁ ଯିବାଆସିବା କରୁଛନ୍ତି। ପଞ୍ଚାୟତକୁ ବାର୍ଦ୍ଧକ୍ୟ ଭତ୍ତା, ଚାଉଳ ନେବାକୁ ଆସୁଥିବା ଲୋକେ କାଦୁଅରେ ଖସି ପଡୁଛନ୍ତି। ମିନି ବ୍ୟାଙ୍କକୁ ଯିବା ଆସିବା ବେଳେ ହିତାଧିକାରୀଙ୍କ ଘୋର ସମସ୍ୟା ଦେଖାଯାଉଛି। ଏହି ସବୁ ସମସ୍ୟା ନେଇ ତୁଣ୍ଡଲା ସରପଞ୍ଚ ଭଗବାନ ସାହୁ, ସମସ୍ତ ୱାର୍ଡ଼ମେମ୍ବର ଓ ଗ୍ରାମବାସୀ ଏକତ୍ରିତ ହୋଇ ଜିଲାପାଳ, ଉପଜିଲାପାଳ, କେସିଙ୍ଗା ତହସିଲଦାର, ରାଜସ୍ୱ ନିରୀକ୍ଷକ, ପଲମ ଫାଣ୍ଡି ଅଧିକାରୀଙ୍କୁ ବହୁବାର ଲିଖିତ ଅଭିଯୋଗ କରିଛନ୍ତି। ଜିଲା ପ୍ରଶାନକୁ ଲିଖିତ ଅଭିଯୋଗ ପରେ ଜମି ଚିହ୍ନଟ ହୋଇ ସାରିଛି। ଜମି ଜବରଦଖଲକାରୀଙ୍କୁ ୩ ଥର ନୋଟିସ ମଧ ଦିଆଯାଇଛି। ତଥାପି ଜବରଦାଖଲକାରୀ ଜମି ଛାଡ଼ ନ ଥିବାରୁ ଜବରଦାଖଲକାରୀଙ୍କ ନାମରେ ତୁଣ୍ଡଲା ସରପଞ୍ଚ ଭଗବାନ ସାହୁ ଜିଲାପାଳ, ଉପଜିଲାପାଳ, କେସିଙ୍ଗା ବିଡ଼ିଓ, ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ତୁଣ୍ଡଲା ସରପଞ୍ଚ ଭଗବାନ ସାହୁଙ୍କୁ ପଚାରିବାରୁ ୧୫ ଦିନ ଭିତରେ ଜମି ନ ଛାଡିଲେ ଗ୍ରାମବାସୀଙ୍କ ସହାୟତାରେ ଜାତୀୟ ରାଜପଥ ୫୯ ଉପରେ ଅନିର୍ଦ୍ଦିଷ୍ଟକାଳ ପାଇଁ ରାସ୍ତା ରୋକୋ କରାଯିବ ବୋଲି କହିଛନ୍ତି।

## ମାର୍କେଟ କମ୍ପ୍ଲେକ୍ସ ଉଦ୍‌ଘାଟିତ

କୋକସରା,୨୨।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ସଦର ମହକୁମା ପଞ୍ଚାୟତ ଦ୍ୱାରା ନବନିର୍ମିତ ମାର୍କେଟ କମ୍ପ୍ଲେକ୍ସ ଦୋକାନ ଗୃହ ଗୁରୁବାର ଉଦ୍‌ଘାଟନ କରାଯାଇଛି। ଧର୍ମଗଡ଼ ବିଧାୟକ ମୌଷଧି ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ କୋକସରା ବିଡିଓ ମନୀଷା ଦାସ, ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ସମିତି ସଭ୍ୟ ତ୍ରିଭୁବନ ନାଏକ, ଦଶରଥ ପଟ୍ଟନାୟକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିରଞ୍ଚି ଖରସେଲ, କୋକସରା ବ୍ଲକ ବିଧାୟକ ପ୍ରତିନିଧି ମାନସ ରନ ବାଗ, ବିଜେଡି ସଭାପତି ସୁଶାନ୍ତ ବେହେରାଙ୍କ ସମେତ ନାଏବ ସରପଞ୍ଚ ବିଜୁଳି ବିଶି, ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ରହିଥିଲେ।

# ହତ୍ୟା ଅଭିଯୁକ୍ତଙ୍କୁ ଅନୁକମ୍ପା

■ଏସ୍‌ପିଙ୍କୁ ଫେରାଦ ହେଲେ ମୃତକଙ୍କ ପରିବାର
■ବରିଷ୍ଠ ଅଧିକାରୀଙ୍କ ଦ୍ୱାରା କରାଯିବ ତଦନ୍ତ
■କାର୍ଯ୍ୟାନୁଷ୍ଠାନ ଦାବିରେ ଅନଶନ ଚେତାବନୀ

**ବରଗଡ଼ ଅଫିସ,୨୨।୧୦**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ବୁଡ଼େନ ଥାନା ବିରିପାଲି ଗ୍ରାମରେ ସଂଘଟିତ ଏକ ହତ୍ୟା ମାମଲାକୁ ଚପାଇ ଦେବାକୁ ଉଦ୍ୟମ ହୋଇଛି । ପୋଲିସ ଉକ୍ତ ହତ୍ୟା ମାମଲାର ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ସେମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରୁଛି। ଅଭିଯୁକ୍ତଙ୍କୁ ଥାନାକୁ ଆଣି ପୋଲିସ ପୁଣି ଛାଡ଼ି ଦେଇଛି। ଏଭଳି ଅଭିଯୋଗ ନେଇ ଉକ୍ତ ଗ୍ରାମର ମୃତକ ବଳରାମ ଅମରିଙ୍କ ପରିବାର ଏବଂ ଗ୍ରାମବାସୀ ଶୁକ୍ରବାର ବରଗଡ଼ ଏସ୍‌ପିଙ୍କୁ ଫେରାଦ ହୋଇଥିଲେ। ଏସ୍‌ପି ରାହୁଲ ଜୈନଙ୍କୁ ଏ ନେଇ ଏକ ସ୍ମାରକପତ୍ର ପ୍ରଦାନ କରିବା ସହିତ ହତ୍ୟା ଅଭିଯୁକ୍ତଙ୍କୁ ଗିରଫ କରିବା ପାଇ ସେମାନେ ନିବେଦନ କରିଛନ୍ତି। ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ ଦ୍ୱାରା ଏହି ମାମଲାର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି ନିର୍ଭର ପ୍ରତିଶ୍ରୁତି ଦେଇଥିବା ମୃତକଙ୍କ ପରିବାର ଲୋକେ କହିଛନ୍ତି। ଅନ୍ୟପଟେ ହତ୍ୟା ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ମୃତକଙ୍କ ପରିବାର ଏବଂ ଗ୍ରାମବାସୀ ଏସ୍‌ପି ଅଫିସ ସମ୍ମୁଖରେ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

ପ୍ରକାଶ ଯେ, ଗତ ମେ ୧୦ତାରିଖରେ ବିରପାଲି ଗ୍ରାମର ଏକ ଦମ୍ପତି ବଳରାମଙ୍କ ଘରକୁ ଆସିଥିଲେ ଏବଂ ସେ ସେମାନଙ୍କ ମୋବାଇଲ ଚୋରି କରିବାକୁ ଆସିଥିଲେ, ତାଙ୍କୁ ତାଗିଦ୍ କର ବୋଲି ପରିବାର ଲୋକଙ୍କୁ କହି ଚାଲି ଯାଇଥିଲେ। ସେହି ମାସ ୧୧ତାରିଖରେ ପୁଣିଥରେ ସେମାନେ ଆସିଥିଲେ ଏବଂ ବଳରାମଙ୍କ ଉପରେ କଣ କାର୍ଯ୍ୟାନୁଷ୍ଠାନ ନେଇଛ ବୋଲି କହିଥିଲେ। ମାତ୍ର ବଳରାମ ନାହାନ୍ତି, ସେ ଆସିଲେ ବିଚାର କରିବୁ ବୋଲି ତାଙ୍କ କାକା ଶୁକ୍ରୁ କହିଥିଲେ। ଅନ୍ୟପଟେ ବଳରାମ ଆଉ ଘରକୁ ନ ଫେରିବାରୁ ୧୩ତାରିଖରେ ଥାନାରେ ରିପୋର୍ଟ ଦେବା ସହିତ ୧୪ତାରିଖରେ ଗ୍ରାମରେ ଏକ ସଭା ହୋଇଥିଲା। ସଭା ପରେ ବଳରାମଙ୍କୁ ଖୋଜାଖୋଜି କରାଯାଇଥିଲା ଏବଂ ଗ୍ରାମଠାରୁ ୨କି.ମି ଦୂର ଜଙ୍ଗଲର ଏକ ଗଛରୁ ତାଙ୍କ ମୃତଦେହ ମିଳିଥିଲା ।

ଘଟଣାସ୍ଥଳର ପାରିପାର୍ଶ୍ୱିକ ସ୍ଥିତିରୁ ତାହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରି ମୃତକଙ୍କ ବାପା ତ୍ରିଲୋଚନ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରିବା ସହ ଗ୍ରାମର ୪ଜଣଙ୍କୁ ଥାନାକୁ ଉଠାଇ ଆଣିଥିଲା। ପରଦିନ ସେମାନଙ୍କୁ ପୋଲିସ ଛାଡ଼ି ଦେଇଥିବା ଅଭିଯୋଗ ହୋଇଛି। ସେମାନଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିବା ସତ୍ତ୍ୱେ ସେମାନଙ୍କୁ ଛାଡ଼ି ଦେଇଥିବାରୁ ପୋଲିସ ପ୍ରତି ମୃତକଙ୍କ ପରିବାର ଲୋକଙ୍କ ସନ୍ଦେହ ଉପୁଜିଛି । ଏହାର ବିଧିବଦ୍ଧ ତଦନ୍ତ କରିବା ଦାବିରେ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତଙ୍କ ସମେତ ମୃତକଙ୍କ ପରିବାର ଏବଂ ଗ୍ରାମବାସୀ ଏସ୍‌ପିଙ୍କୁ ଫେରାଦ ହୋଇଥିଲେ ।


ଏସପିଙ୍କୁ ଫେରାଦ ହୋଇଥିବା ପୂର୍ବତନ ବିଧାୟକ, ପରିବାର ଲୋକେ।

## ସଂକ୍ଷେପରେ

### ସରିଲା କଇଁଫୁଲ ନିଆଁମଡା ଯାତ୍ରା



**ସୋନପୁର,୨୨।୧୦(ନି.ପ୍ର.):** ସହରର ଖିଦାଳପଡାରେ କୋଭିଡ କଟକଣା ଅନୁଯାୟୀ ଗୁରୁବାର ବିଳମ୍ବିତ ରାତିରେ ଅନୁଷ୍ଠିତ ହୋଇଥିଲା କଇଁଫୁଲ ନିଆଁମଡା ଯାତ୍ରା । ରାଜା ରାଜୁଡା ଅମଳରୁ ଶତାଧିକ ବର୍ଷ ଧରି ଆସ୍ଥା ଓ ବିଶ୍ୱାସର ସହିତ ପଡାବାସୀ ଏହି ଯାତ୍ରା ପାଳନ କରି ଆସୁଛନ୍ତି। ଦଶହରାରୁ ଆରମ୍ଭ ହୋଇଥାଏ ଯାତ୍ରା । ପୂର୍ଣ୍ଣିମୀ ପର ଦିନ ନିଆଁମଡା ଯାତ୍ରା ହୁଏ । ଅଧିଷ୍ଠାତ୍ରୀ ଦେବୀ ମା’ ଠାକୁରାଣୀଙ୍କ ପୀଠରେ ପୂଜାର୍ଚ୍ଚନା ପରେ ପାରମ୍ପରିକ ରୀତିନୀତିରେ ପ୍ରାଚୀନ ଲୋକବାଦ୍ୟ ଧୂନକେଲ ଓ ଢୋଲ ନିଶାନର ତାଳେ ତାଳେ ଉଦଣ୍ଡ ନୃତ୍ୟ କରିଥିଲେ ବରୁଆମାନେ । ପରେ ପ୍ରସ୍ତୁତ ହୋଇ ରହିଥିବା ଦଶଫୁଟ ଲମ୍ବ ଓ ତିନି ଫୁଟ ଚଉଡାର ଝୁଲି(ଜଳନ୍ତା ଅଙ୍ଗାର) ଉପରେ ବରୁଆ ଚାଲିଥିଲେ । ହାତରେ କଳାଧଳା ଛତ୍ର ଧରି ଜଳନ୍ତା ଅଙ୍ଗାର ଉପରେ ଚାଲିବା ଏକ ଭିନ୍ନ ପରିବେଶ ସୃଷ୍ଟି କରିଥିଲା । ପରେ ଶତାଧିକ ଶ୍ରଦ୍ଧାଳୁ ନିଆଁ ଉପରେ ଚାଲିଥିଲେ। ହେଲେ ଅଙ୍ଗାର ତାତି କୌଣସି ପ୍ରଭାବ ପକାଇ ପାରି ନ ଥିଲା ଶ୍ରଦ୍ଧାଳୁଙ୍କ ଉପରେ। ଲୋକଙ୍କ ବିଶ୍ୱାସ ରହିଛି ତନ୍ତ୍ର ପଦ୍ଧତିରେ ପ୍ରସ୍ତୁତ କରା ଯାଇଥିବା ଏହି ନିଆଁ ଝୁଲାରେ ଚାଲିଲେ ମନସ୍କାମନା ପୂରଣ ହୁଏ । ଏହି ଯାତ୍ରା ଦେଖିବା ପାଇଁ ନିଆଁମଡା ପଡିଆରେ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା । ପୂଜା କମିଟିର ବ୍ରଜଗୋପାଳ ନାଏକ, ସଞ୍ଜିବ ନାଏକ, ଚିରନ ଭୋଇ, ଚିରନ ଦାସ, ଶ୍ରମଣ ନାଏକ ଓ ପଡାବାସୀ ଯାତ୍ରା ଆୟୋଜନରେ ସକ୍ରିୟ ସହଯୋଗ କରିଥିଲେ ।

### ମମିତା ହତ୍ୟା ମାମଲା: ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିକ୍ଷୋଭ

**ଅମରପାଲି,୨୨।୧୦ (ଡି.ଏନ.ଏ.):** ବହୁଚର୍ଚ୍ଚିତ କଳାହାଣ୍ଡି ଜିଲା କେଗାଁ ଥାନା ମହାଲିଙ୍ଗସ୍ଥିତ ପବ୍ଲିକ ସ୍କୁଲର ଅଧକ୍ଷା ମମିତା ମେହେରଙ୍କ ହତ୍ୟାକୁ ନେଇ ସାରା ରାଜ୍ୟରେ ଏବେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଘଟଣାରେ ଛନ୍ଦି ହୋଇ ପଡିଥିବା ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଜିଲା ଭାଜପା ଯୁବ ମୋର୍ଚ୍ଚା ସଭାପତି ସନ୍ତୋଷ କୁମାର ଭୋଇଙ୍କ ନେତୃତ୍ୱରେ ବୀରମହାରାଜପୁରରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବରିଷ୍ଠ ନେତା ବେଣୁଧର ଦାସ, କିଶୋର ହୋତା, ରଘୁବୀର ପାଣିଗ୍ରାହୀ, ଭଗବାନ ବାଘ, ନଳିନୀ ପଣ୍ଡା, ପଦାର୍ଥ ଜଗଦଳା, ଦିଲୀପ ପଧାନ, ସନତ ହୋତା, ଏକଲବ୍ୟ ବେହେରା, ସେନାପତି ଭୋଇ, ଦଳୀୟ କର୍ମୀ ଓ ବହୁ ମେହେର ସମ୍ପ୍ରଦାୟ ଲୋକ ସାମିଲ ଥିଲେ ।

# ସହିଦ ବିଭୀଷଣ ସାହୁ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଅମରପାଲି,୨୧।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡର ପଣ୍ଡିଆପାଲିଠାରେ ୧୨ତମ ସହିଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। କ୍ରିଡାବିତ୍ ଦିଲୀପ ପ୍ରଧାନ ଓ ପଦାର୍ଥ ଜଗଦଳା ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ରଥପୁର ଦଳ ବୀରସିଂହପୁର ଦଳକୁ ପରାସ୍ତ କରିଥିଲା। ନିର୍ଦ୍ଧାରିତ ଓଭର ମଧ୍ୟରେ ଉଭୟ ଦଳ ୫ ଉଇକେଟ ବିନିମୟରେ ୯୧ ରନ ଲେଖାଏ କରିବାରୁ ପରେ ସୁପର ଓଭର ଖେଳାଯାଇ ଫଳାଫଳ ନିର୍ଣ୍ଣୟ କରାଯାଇଥିଲା। ସେହିଭଳି ଦିତୀୟ ମ୍ୟାଚରେ ସୋନପୁର ନ୍ୟୁ ଷ୍ଟାର ଦଳ ବାଉଁଶୁଣିର ମେହେର ସ୍ପୋର୍ଟିଂକୁ ପରାସ୍ତ କରିଥିଲା। ନ୍ୟୁ ଷ୍ଟାର ଦଳ ୬ ଉଇକେଟ ବିନିମୟରେ ୯୬ ରନ କରିଥିବା ବେଳେ ମେହେର ସ୍ପୋର୍ଟିଂ ୯ ଉଇକେଟ ବିନିମୟରେ ୮୯ ରନ ସଂଗ୍ରହ କରିଥିଲା। ପରେ ଅନୁଷ୍ଠିତ ମ୍ୟାଚରେ ନ୍ୟୁ ଷ୍ଟାର ଦଳ ରଥପୁରକୁ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଥିଲା । ରଥପୁର ଦଳ ୪ ଓଭରରେ ୫ ଉଇକେଟ ହରାଇ ୩୪ ରନ ସଂଗ୍ରହ କରିଥିବା ବେଳେ ନ୍ୟୁ ଷ୍ଟାର ଦଳ ୩୫ ରନ କରି ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ଲକ୍ଷ୍ମଣ ବେହେରା, ଶିବୁ ବେହେରା, ଢୁଲେଶ୍ୱର ପ୍ରଧାନ ଓ ପ୍ରଫୁଲ୍ଲ ବେହେରା ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟ ଆସନ୍ତା ୨୬ ତାରିଖ ଯାଏ ଚାଲିବ ବୋଲି ଆୟୋଜକଙ୍କ ସୂତରୁ ପ୍ରକାଶ। ସେହିପରି ଦ୍ୱିତୀୟ ଦିବସର ପ୍ରଥମ ମ୍ୟାଚରେ ହିଲୁଙ୍ଗକୁ ମହଦା ପରାସ୍ତ କରିଥିବା ବେଳେ ଦ୍ୱିତୀୟ ମ୍ୟାଚରେ ବୀରମହାରାଜପୁର ବାଘାସ ଦଳ ଯଉଁରାଭଉଁରାକୁ ପରାସ୍ତ କରିଥିଲା। କ୍ୱାଟର ଫାଇନାଲରେ ମହଦାକୁ ପରାସ୍ତ କରି ବୀରମହାରାଜପୁର ବାଘାସ ଦଳ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି ।


କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ଉଭୟ ଦଳର ଖେଳାଳି ଓ ଅତିଥି ।

**ସୋନପୁର ନ୍ୟୁ ଷ୍ଟାର, ବୀରମହାରାଜପୁର ବାଘାସ ସେମିରେ**

# ରାସ୍ତାକାମ ଆରମ୍ଭ ନ ହେଲେ ଆନ୍ଦୋଳନ

**ବରଗଡ଼ ଅଫିସ,୨୨।୧୦**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଦେବାହାଲରୁ ଜହ୍ନାପଡ଼ା ରାସ୍ତା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲେ ସୁଦ୍ଧା କାମ ଆରମ୍ଭ କରାଯାଉ ନ ଥିବା ଯୋଗୁ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ଏହି ରାସ୍ତାଟି ଦିନକୁ ଦିନ ଆହୁରି ଶୋଚନୀୟ ହୋଇ ପଡୁଛି। ଏଭଳି ଅଭିଯୋଗ କରି ଶୁକ୍ରବାର ଜହ୍ନାପଡ଼ା ଗ୍ରାମବାସୀ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ନବୀନ କୁମାର ପଟେଲଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ଜହ୍ନାପଡ଼ାରୁ ଦେବାହାଲ ଛକ ଦେଇ ରାଜପଥକୁ ଏକ ରାସ୍ତା ସଂଯୋଗ ହୋଇଛି। ଏହି ରାସ୍ତାଟି ପଞ୍ଚାୟତବାସୀଙ୍କ ଏକମାତ୍ର ନିର୍ଭରଯୋଗ୍ୟ ରାସ୍ତା। ରାସ୍ତାଟି ଦୀର୍ଘଦିନ ଧରି ଶୋଚନୀୟ ହୋଇ ପଡ଼ିଥିବାରୁ ଅଞ୍ଚଳବାସୀଙ୍କ ବାରମ୍ବାର ଦାବିକ୍ରମେ ଉକ୍ତ ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। କିନ୍ତୁ ଏପର୍ଯ୍ୟନ୍ତ ରାସ୍ତାକାମ ଆରମ୍ଭ ହୋଇପାରିନାହିଁ। ଅନ୍ୟପଟେ ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରୁ ଉକ୍ତ ରାସ୍ତାକାମ ନେଇ ହୋଇଥିବା ଟେଣ୍ଡର ଖାରଜ ହୋଇଛି ଏବଂ ଏହାର ରିଟେଣ୍ଡର କରାଯାଇଛି ବୋଲି ସେ କହୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ବିଧିବଦ୍ଧ ତଦନ୍ତ କରି ରାସ୍ତାକାମ ତୁରନ୍ତ ଆରମ୍ଭ କରିବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି। ଆସନ୍ତା ନଭେମ୍ବର ମାସ ମଧ୍ୟରେ ରାସ୍ତାକାମ ଆରମ୍ଭ କରା ନ ଗଲେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। ଭାଜପା ନେତା ସୁରେଶ୍ୱର ଶତପଥି, କୁଶ କୁମ୍ଭାରଙ୍କ ନେତୃତ୍ୱରେ ମନୋଜ ପ୍ରଧାନ, ଭୋଜରାଜ ଦଲେଇ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।


ରାସ୍ତାକାମ ଆରମ୍ଭ ଦାବିରେ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

# ବରଗଡ଼ରେ ବ୍ୟାଙ୍କର୍ସ ସମ୍ମିଳନୀ

**ବରଗଡ଼ ଅଫିସ୍,୨୨।୧୦**

ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲାସ୍ତରୀୟ ବ୍ୟାଙ୍କର୍ସ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନାବାର୍ଡ଼ର ଡିଡିଏମ୍ ହଟକିଶୋର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶ କୃତିବାସ ରାଉତ, ଏଲ୍‌ଡ଼ିଏମ୍ ସୀତାରାମ ମେହେର ପ୍ରମୁଖ ଯୋଗଦେଇ ନାବାର୍ଡ଼ର ପିଏଲପିକୁ ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ କୃଷି ଅଧିକାରୀ ସନ୍ତୋଷ କୁମାର ମହାରଣା, ଲକ୍ଷ୍ମୀଧର ସୁନା, ଡିଆଇସିର ଜିଏମ୍ ଲକ୍ଷ୍ମୀଧର ସୁନା, ଗମ୍ଭାରୀପାଲି କୃଷି ବିଜ୍ଞାନ କେନ୍ଦ୍ରର କୃଷି ବୈଜ୍ଞାନିକ ନୃସିଂହ ଚରଣ ବାରିକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ। ନ୍ୟୁ ଲାଇଫ ଫାଉଣ୍ଡେଶନର ଚେୟାରମ୍ୟାନ କଳାକାହ୍ନୁ ଦୀପ ଧନ୍ୟବାଦ ଅର୍ପଣ କରିଥିଲେ ।

### ଯୁକ୍ତ ୨ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

**ଅମରପାଲି,୨୨।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟରେ +୨ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଗୁରୁବାର ଦିନ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ମୁରଲୀଧର ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଯୁକ୍ତ ଦୁଇ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରାଯାଇଥିଲା। ଉକ୍ତ ସଭାରେ ଅର୍ଥନୀତି ବିଭାଗର ପ୍ରାଧ୍ୟାପକ ଦୀନବନ୍ଧୁ ମେହେର, ଇଂରାଜୀ ବିଭାଗର ପ୍ରାଧ୍ୟାପିକା ଗୀତାଞ୍ଜଳୀ ପୂଜାରୀ,ରାଜନୀତି ବିଭାଗର ଅଧାପକ ନରେନ୍ଦ୍ର ଝା ବକ୍ତବ୍ୟ ରଖିଥିଲେ। ଓଡ଼ିଆ ଅଧାପିକା ଯାମିନୀ ଦାଶ ସଭା ସଂଯୋଜନା କରିଥିବା ବେଳେ ଇଂରାଜୀ ଅଧାପକ ବିଜୟ କୁମାର ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧରେ ଗଣିତ ପ୍ରାଧାପକ ହୃଷିକେଶ ପ୍ରଧାନ, ପ୍ରାଣୀ ବିଜ୍ଞାନ ଅଧାପକ ସୁନିଲ କୁମାର ତ୍ରିପାଠୀ ଉପସ୍ଥିତ ଥିଲେ। ଅଧାପକ ଅଧାପିକା ତାଙ୍କ ଅଭିଭାଷଣରେ କରୋନା ମହାମାରୀ ଯୋଗୁ ଅନେକ ନିୟମ ପାଳନ କରିବା ପାଇଁ କହିଥିଲେ।

### ଚୋରା କାଠ ବେପାରୀ କୋର୍ଟ ଚାଲାଣ

**ଡୁଙ୍ଗୁରିପାଲି,୨୨।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସହରର ସହଲା କେନାଲ ରାସ୍ତା ପାର୍ଶ୍ୱ ବସ୍ତିରେ ରହୁଥିବା କ୍ଷେତ୍ର ରଣାଙ୍କ ଘରେ ଗୁରୁବାର ସମ୍ବଲପୁର ଭିଜିଲାନ୍ସ ଟିମ୍ ଓ ବିନିକା ଫରେଷ୍ଟ ରେଞ୍ଜ ସ୍କ୍ୱାଡ୍ ମିଳିତ ଚଢାଉ କରିଥିଲେ । ତାଙ୍କ ଘରୁ ବହୁ ମୂଲ୍ୟବାନ କାଠ, କାଠ ଉପକରଣ ତିଆରି ମେଶିନ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଥିଲା। ଏହି ଘଟଣାରେ ତାଙ୍କୁ ଗିରଫ କରାଯାଇଥିଲା । କୋର୍ଟରେ ତାଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ସୋନପୁର ଜେଲ ହାଜତକୁ ପଠାଯାଇଥିବା ଜଣାଯାଇଛି। ଭିଜିଲାନ୍ସ ଟିମ୍‌ର ସହକାରୀ ବନରକ୍ଷକ ଲକ୍ଷ୍ମଣ ମାରାଣ୍ଡି, ବିନିକା ଫରେଷ୍ଟ ରେଞ୍ଜ ଅଧିକାରୀ ଶିବ ପ୍ରସାଦ ନାୟକ ପ୍ରମୁଖ ଚଢାଉରେ ସାମିଲ ଥିଲେ ।

# ଗଜଲକ୍ଷ୍ମୀ ପୂଜା ଉଦ୍‌ଯାପିତ


ଗଜଲକ୍ଷ୍ମୀ ପୂଜାର ଉଦ୍‌ଯାପନୀ ଦିବସରେ ପୂଜାର୍ଚ୍ଚନା।

**ବରଗଡ଼ ଅଫିସ୍,୨୨।୧୦**

ବରଗଡ଼ ସହର ଉପକଣ୍ଠ ବରଡ଼ୋଲ ପଞ୍ଚାୟତ ନଦୀପଡ଼ା (ଡାଙ୍ଗ)ରେ ଚାଲିଥିବା ଗଜଲକ୍ଷ୍ମୀ ପୂଜା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ୧୯୯୮ ମସିହାରୁ ହୋଇ ଆସୁଥିବା ଏହି ପୂଜାରେ ଚଳିତବର୍ଷ ସଭାପତି ରାମଚନ୍ଦ୍ର ଦ୍ୱାରୀ, ସମ୍ପାଦକ ରାଜକୁମାର ବନଛୋର, ସରୋଜ ମହଲା, ବାସମତୀ ବନଛୋର, ଲଳିତ ବିଶି, ସବିତା ମହଲା ପ୍ରମୁଖ ପୂଜାକାର୍ଯ୍ୟ ପରିଚାଳନା କରିଥିଲେ। ପଞ୍ଚାନନ ପଣ୍ଡା, ଲିଙ୍ଗରାଜ ଦାଶ, ହରେକୃଷ୍ଣ ଦାଶ ପୂଜାର୍ଚ୍ଚନା କରିଥିଲେ। ବିଦେଶୀ ଥନାପତି, ସ୍ତ୍ରୀ ଗୁଲାପୀ କର୍ତ୍ତାକାର୍ଯ୍ୟ ନିର୍ବାହ କରିଥିଲେ। ବେନ୍ଦେରୀ ବାଗ, ଲକ୍ଷ୍ମୀ ନାଗ, ସାଗର ବେହେରା, ବିକି ଭୁଏ, ରମେଶ ଧରୁଆ ସହଯୋଗ କରିଥିଲେ। ଅଶ୍ୱିନୀ ଷଡ଼ଙ୍ଗୀ, ନିପନ ଦାଶ, ଭବାନୀ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ।

# ସିବିଆଇ ତଦନ୍ତ, ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଇସ୍ତଫା ଦାବି

**ସୋନପୁର,୨୨।୧୦(ନି.ପ୍ର.)**

କଳାହାଣ୍ଡି ଜିଲା କେଗାଁ ଥାନା ଅନ୍ତର୍ଗତ ମହାଲିଙ୍ଗ ସ୍ଥିତ ଏକ ଘରୋଇ ସ୍କୁଲ ଅଧ୍ୟକ୍ଷା ମମିତା ମେହେରଙ୍କ ଅପହରଣ ଓ ହତ୍ୟା ଘଟଣାର ସିବିଆଇ ତଦନ୍ତ, ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ରଙ୍କ ଇସ୍ତଫା ଓ ପରିବାରବର୍ଗଙ୍କୁ ଆର୍ଥିକ ସହାୟତା ପ୍ରଦାନ ଦାବିରେ ଗୁରୁବାର ସୁବର୍ଣ୍ଣପୁର ଜିଲା ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମହିଳା ମୋର୍ଚ୍ଚା ସଭାନେତ୍ରୀ ସଞ୍ଜୁକ୍ତା ହୋତାଙ୍କ ନେତୃତ୍ୱରେ ଦଳୀୟ ନେତୃବୃନ୍ଦ ଏସ୍‌ପିଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାଜ୍ୟ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କର ଶାସକ ଦଳର ବହୁ ମନ୍ତ୍ରୀ ଓ ପ୍ରଭାବଶାଳୀ ନେତାଙ୍କ ସହ ସମ୍ପର୍କ ରହିଛି। ତେଣୁ ଓଡିଶା ପୋଲିସ ଦ୍ୱାରା ନିରପେକ୍ଷ ତଦନ୍ତ ସମ୍ଭବ ନୁହେଁ ବୋଲି ଭାଜପା କହିଛି। ଏହି ଅବସରରେ ଏସ୍‌ପିଙ୍କ ଜରିଆରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଉଦ୍ଦେଶ୍ୟରେ ୩ ଦଫା ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଭାଜପା ଜିଲା ସଭାପତି ପ୍ରମୋଦ କୁମାର ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ପୂଜାରୀ, ଭାଜପା ଯୁବ ମୋର୍ଚ୍ଚା ସଭାପତି ସନ୍ତୋଷ କୁମାର ଭୋଇ, ନଳିନୀ ପଣ୍ଡା, ସୁନିତା ଗିରି, ସୁଦେଷ୍ଣା ନେଗୀ, ଇତିଶ୍ରୀ ମିଶ୍ର, ସୁନନ୍ଦା ମିଶ୍ର, କିଶୋର ହୋତା, ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ବିଶି, କିଶୋର ହୋତା, ଜଗଜ୍ୟୋତି ତ୍ରିପାଠୀ, କାର୍ତ୍ତିକ ତରିଆ, ରବି ପାଢୀ ଓ ବଳରାମ ସୁନା ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।



ସୁବର୍ଣ୍ଣପୁର ଏସ୍‌ପିଙ୍କ ଅଫିସ ସମ୍ମୁଖରେ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ୧୩ବର୍ଷ ବିତିଲା, ନିୟମିତ ହେଲାନି

**ବରଗଡ଼ ଅଫିସ,୨୨।୧୦**

ନିଖିଳ ଓଡ଼ିଶା ସମନ୍ୱିତ ଶିଶୁ ବିକାଶ ଯୋଜନା (ଆଇସିଡିଏସ୍) ଠିକା ସୁପରଭାଇଜର (ଗ୍ରାଜୁଏଟ୍) ସଂଘ ବରଗଡ଼ ଜିଲା ଶାଖା ପକ୍ଷରୁ ୩ଦଫା ଦାବି ନେଇ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ନବୀନ କୁମାର ପଟେଲ ସ୍ମାରକପତ୍ର ଗ୍ରହଣ କରିଥିଲେ। ଆଇସିଡିଏସ୍ ଠିକା ସୁପରଭାଇଜରମାନେ ଠିକ୍ ଭାବେ କାର୍ଯ୍ୟ ସମ୍ପାଦନ କରି ଆସୁଛନ୍ତି। ମାତ୍ର ଏପର୍ଯ୍ୟନ୍ତ ସେମାନଙ୍କୁ ନିୟମିତ କରାଯାଇନାହିଁ। ଫଳରେ ଯେଉଁଦିନଠାରୁ ସେମାନଙ୍କୁ ଚୁକ୍ତିଭିତ୍ତିକ ନିଯୁକ୍ତି ଦିଆଯାଇଛି, ସେହିଦିନଠାରୁ ସମସ୍ତଙ୍କ ପଦବୀକୁ ନିୟମିତ କରିବା ସହିତ ବକେୟା ଦରମା ପ୍ରଦାନ କରାଯିବାକୁ ଦାବି ହୋଇଛି। ସେହିପରି ସମାନ କାମକୁ ସମାନ ଦରମା ପ୍ରଦାନ ସହିତ ମହାମାରୀ କରୋନାରେ ଜୀବନ ହରାଇଥିବା ସୁପରଭାଇଜରମାନଙ୍କ ପରିବାର ଲୋକଙ୍କୁ ସରକାର ଘୋଷଣା କରିଥିବା ସରକାରୀ ସହାୟତା ପ୍ରଦାନ କରାଯିବାକୁ ମଧ୍ୟ ସଂଘ ଦାବି କରିଛି। ସରକାରଙ୍କ ମିଶନ ଶକ୍ତିଠାରୁ ଆରମ୍ଭ କରି ମମତା ଯୋଜନା ଏବଂ ଅନ୍ୟ ଯୋଜନାରେ କାମ କରୁଥିବା ସତ୍ତ୍ୱେ ସ୍ନାତକ ସୁପରଭାଇଜରଙ୍କ ପ୍ରତି ସେଭଳି ଅଣଦେଖା ମନୋଭାବକୁ ନେଇ ଅସନ୍ତୋଷ ଉପୁଜିଛି। ସରକାର ସେମାନଙ୍କୁ ତୁରନ୍ତ ନିୟମିତ ନ କଲେ ଆଗାମୀ ଦିନରେ ସ୍ନାତକ ଯୋଗ୍ୟତାଧାରୀ ସୁପରଭାଇଜରମାନେ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। ସ୍ମାରକପତ୍ର ପ୍ରଦାନ ସମୟରେ ଜିଲାରେ କାର୍ଯ୍ୟରତ ସମସ୍ତ ସ୍ନାତକ ଯୋଗ୍ୟତାଧାରୀ ଠିକା ସୁପରଭାଇଜର ଉପସ୍ଥିତ ଥିଲେ।


ଚାକିରି ନିୟମିତ କରିବା ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ସ୍ନାତକ ଯୋଗ୍ୟତାଧାରୀ ଠିକା ଆଇସିଡିଏସ ସୁପରଭାଇଜରବୃନ୍ଦ।

